# ବିଦ୍ୟୁତ ବିଭାଗର ସ୍ମାର୍ଟ ମିଟର ପ୍ରଚଳନକୁ ବିରୋଧ

ଅନୁଗୋଳ, ୧୮ ।୧(ସମିସ)

- ଗ୍ରାହକଙ୍କ ଅସନ୍ତୋଷ ଯୋଗୁଁ ଗାଁରେ ପଶିପାରୁନାହାନ୍ତି କର୍ମଚାରୀ
- ୩୦୦ ୟୁନିଟ ମାଗଣା ବିଜୁଳି ଯୋଗାଣ ପ୍ରତିଶ୍ରୁତି କୁଆଡ଼େ ଗଲା
- ମିଟର ରିଡିଂ ଓ ବିଲ୍ ଆଦାୟ କର୍ମଚାରୀଙ୍କ ଚାକିରି ସଂକଟରେ

ଟିପିସିଓଡିଏଲ ପକ୍ଷରୁ ଗ୍ରାହକଙ୍କ ମିଟରକୁ ବଦଳାଇ ନୂତନ ସ୍ମାର୍ଟ ମିଟର ଲଗାଇବାକୁ ବାଧ କରାଯାଉଛି । ସ୍ମାର୍ଟ ମିଟରରେ ଆଉ ରିଡିଂ ନେବାକୁ ପଡ଼ିବ ନାହିଁ କି ବିଲ୍ ଆଦାୟ କରିବାକୁ ଘରକୁ ଘର କର୍ମଚାରୀମାନେ ଯିବାକୁ ପଡ଼ିବନି । ୨୦୧୯ରେ କମ୍ପାନୀ ପକ୍ଷରୁ ଲଗାଯାଇଥିବା ଭିଜନ-ଟେକ ମିଟରଗୁଡ଼ିକୁ ଖରାପ ଦର୍ଶାଇ ଉପଭୋକ୍ତାଙ୍କୁ ଆଭରେଜ୍ ବିଲ୍ ପ୍ରଦାନ କରାଯାଉଛି ଏବଂ ଏହି ମିଟର ବଦଳରେ ୭ହଜାର ଟଙ୍କାର ସ୍ମାର୍ଟ (ପ୍ରି-ପେଡ୍) ମିଟର ଲଗାଇବାକୁ ବାଧ କରାଯାଉଛି । ଏହି ନୂତନ ସ୍ମାର୍ଟ ମିଟରରେ ଆଗୁଆ ବିଲ୍ ଦେବାକୁ ପଡ଼ିବ ଏବଂ ନୂତନ ମିଟର ବାବଦ ପ୍ରତିମାସ ୬୦ଟଙ୍କା ପ୍ରି-ପେଡ୍ ଭାଉଚରରେ ଯୋଡ଼ିବାକୁ ପଡ଼ିବ । ମିଟର ଲାଗିବା ପରେ ଯାହା ବି ପୂର୍ବ ବକେୟା ଅଛି ତାକୁ ସମ୍ପୂର୍ଣ୍ଣ ପୈଠ କରିବା ପରେ ହିଁ ନୂଆ ରିଚାର୍ଜ କରିହେବ ।

ଅପରପକ୍ଷରେ ସାମାନ୍ୟ ପବନ ବହିଲେ ଗ୍ରାମାଞ୍ଚଳରେ ପାୱାର କଟ୍ ଯୋଗୁଁ ଲୋକେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି । ମେଣ୍ଟେନାନ୍ସ ନାଁରେ ଅଧିକାଂଶ ଦିନ ୩/୪ ଘଣ୍ଟା ପାୱାର କଟ କରାଯାଉଛି । ବିଦ୍ୟୁତ ୟୁନିଟ ପିଛା ଦର ବଢ଼ି ବଢ଼ି




ଚାଲିଛି । ବିଦ୍ୟୁତ ଉତ୍ପାଦନ ଓଡ଼ିଶା ବଳକା ରାଜ୍ୟ ହୋଇଥିବା ବେଳେ ଅନ୍ୟ ରାଜ୍ୟ ତୁଳନାରେ ଏଠାରେ ଦର ଅଧିକ ରହିଛି । ଅନ୍ୟପଟେ ବିଜେପି ସରକାରକୁ ଆସିଲେ ଲୋକଙ୍କୁ ୩୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ପ୍ରଦାନ କରିବାକୁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ । ସେହି ମାଗଣା ବିଜୁଳି ଗଲା କୁଆଡ଼େ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟ ବିଜେପି ସରକାର ନିଜ ପ୍ରତିଶ୍ରୁତି ପାଳନ କରିବା ପରିବର୍ତ୍ତେ ଲୋକଙ୍କ ଉପରେ ବିଜୁଳି ଦର, ମିଟର ବାବଦ ୭ହଜାର ଟଙ୍କା ଋଣବୋଝ ସାଙ୍ଗକୁ ଆଗୁଆ ବିଲ୍ ପୈଠ କରିବାକୁ ବିଦ୍ୟୁତ ବିଭାଗ ଦ୍ୱାରା ଜୁଲମ କରୁଛି । ଏଥିରେ ଗ୍ରାମାଞ୍ଚଳ ବିଦ୍ୟୁତ ଉପଭୋକ୍ତା ଅତିଷ୍ଠ ହୋଇ ଏହାର ପ୍ରତିବାଦ କରୁଛନ୍ତି । ଗାଁ ଗାଁରେ ଅସନ୍ତୋଷ ଦେଖାଯାଉଛି । ମିଟର ବଦଳାଇବାକୁ ଗାଁ ସମୂହ ବିରୋଧ କରୁଛନ୍ତି । ବିଦ୍ୟୁତ କର୍ମଚାରୀଙ୍କୁ ଗାଁରେ ପଶିବାକୁ ଦେଉନାହାନ୍ତି । ଫଳରେ ଦୀର୍ଘଦିନ ଧରି ନିୟୋଜିତ ଥିବା ମିଟର ରିଡିଂ ଓ ବିଲ୍ ଆଦାୟ କର୍ମଚାରୀଙ୍କ ଚାକିରି ଏବେ ସଂକଟରେ । ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

## ୫୭୦ ଛାତ୍ରୀଛାତ୍ର ଦେଲେ ନବୋଦୟ ପ୍ରବେଶିକା ପରୀକ୍ଷା



କିଶୋରନଗର, ୧୮ ।୧(ସମିସ): କିଶୋରନଗର ବ୍ଲକ ବଇଣ୍ଡା, ବାମୁର, କିଶୋରନଗର ହାଇସ୍କୁଲରେ ଶନିବାର ଜବାହର ନବୋଦୟ ବିଦ୍ୟାଳୟରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି । ବ୍ଲକର ୫୭୦ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଛନ୍ତି । ବଇଣ୍ଡା ପରୀକ୍ଷା କେନ୍ଦ୍ରରେ ୧୯୧, ବାମୁରରେ ୧୯୩, କିଶୋରନଗର ହାଇସ୍କୁଲ କେନ୍ଦ୍ରରେ ୧୮୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ପୂର୍ବାହ୍ନ ସାଢ଼େ ୧୧ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ସାଢ଼େ ୧ଟାରେ ଶେଷ ହୋଇଥିଲା । ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଅନୁଷ୍ଠିତ ହୋଇଛି । ବଇଣ୍ଡାରେ ସୁପରିନଟେଣ୍ଡ ଭାବେ ପ୍ରଧାନଶିକ୍ଷକ ପ୍ରଶ୍ନ ବିଶ୍ୱାଳ, ବାମୁରରେ ରାମଚନ୍ଦ୍ର ସ୍ୱାଇଁ ଓ କିଶୋରନଗରରେ ସୁପ୍ରଭା ସାହୁ ନିଯୁକ୍ତି ହୋଇଥିଲେ । ନବୋଦୟ ବିଦ୍ୟାଳୟ ଶିକ୍ଷକ ରବିକାନ୍ତ କଟିଆରୀ ପର୍ଯ୍ୟବେକ୍ଷକ ଭାବେ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିଥିଲେ ।

## ପଞ୍ଚାୟତ ଉନ୍ନୟନ ସମ୍ପର୍କିତ ତାଲିମ



କିଶୋରନଗର, ୧୮ ।୧(ସମିସ): କିଶୋରନଗର ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ସମ୍ପର୍କିତ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ବିନୋଦ ବିହାରୀ ବେହେରା, ଏବିଡିଓ ଦିଲୀପ ପ୍ରଧାନ, ଜିପିଡିଓ ସତ୍ୟପ୍ରିୟ ସାହୁ, ସିପି ଧନେଶ୍ୱର ପ୍ରଧାନ ଯୋଗଦେଇ ସରପଞ୍ଚ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ପିଇଓ, ଏଡିଇଓଙ୍କୁ ତାଲିମ ପ୍ରଦାନ କରିଥିଲେ ।

## ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ପାଲଲହଡ଼ା, ୧୮ ।୧(ସମିସ): ପାଲଲହଡ଼ା ଥାନା ଅଧିକାରୀ ଭାବେ ପ୍ରଦୀପ କୁମାର ମହନ୍ତ ଯୋଗଦେଇଛନ୍ତି । ପୂର୍ବରୁ ସେ ନାଲକୋ ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ପାଲଲହଡ଼ା ଅଞ୍ଚଳ ଦେଇ ଦୁଇ ଦୁଇଟି ପ୍ରମୁଖ ଜାତୀୟ ରାଜପଥ (ଏନଏଚ-୪୯ ଏବଂ ୧୪୯) ଯାଇଥିବାରୁ ଟ୍ରାଫିକ ସମସ୍ୟା ସମାଧାନ ତଥା ଦୁର୍ଘଟଣା ରୋକିବା ଦିଗରେ କାମ କରିବା ସହ ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ ପ୍ରାଥମିକତା ହେବ ବୋଲି ଥାନା ଅଧିକାରୀ ମହନ୍ତ କହିଛନ୍ତି । ପୁଲିସ ସାଧାରଣ ଲୋକଙ୍କୁ ସାଥୀରେ ନେଇ କାମ କରିବ ଏବଂ ସମାଜର ନିମ୍ନରୁ ନିମ୍ନ ସ୍ତରର ଲୋକଙ୍କୁ ନ୍ୟାୟ ଦେବା ମୁଖ୍ୟ କାମ ହେବ ବୋଲି ସେ କହିଛନ୍ତି ।

## ମନ୍ଦିରରେ ସାମୂହିକ ବ୍ରତୋପନୟନ

ନାଲକୋ ନଗର, ୧୮ ।୧(ସମିସ): ନାଲକୋନଗର ମନ୍ଦିର କମିଟି ପକ୍ଷରୁ ଚଳିତ ବର୍ଷ ଷଷ୍ଠଥର ପାଇଁ ମନ୍ଦିର ପ୍ରାଙ୍ଗଣରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଛି । ମନ୍ଦିର କମିଟି ସଭାପତି ସୁବ୍ରମଣ୍ୟମ ନରେଲାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ବନ୍ତଲା, ଗୋତମରା, କୁକୁଡ଼ାଙ୍ଗ, କାଙ୍ଗୁଲା, ସମଲ ବ୍ୟାରେଜ, ହିନ୍ଦୋଳ, କଳିଙ୍ଗା, ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରୁ ୭ଜଣ ଗରିବ ପରିବାରର ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ ମାଗଣାରେ କରାଯାଇଥିଲା । ମନ୍ଦିର ପ୍ରାଙ୍ଗଣ ପଡ଼ିଆରେ ସ୍ୱତନ୍ତ୍ର ଭାବେ ନିର୍ମିତ ୭ଟି ବେଦିରେ ଏକା ସାଙ୍ଗରେ ୭ଜଣ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯାଇଥିଲା । ଏହାର ସମସ୍ତ ଖର୍ଚ୍ଚ ନାଲକୋ ମନ୍ଦିର ପ୍ରଶାସନ ତରଫରୁ କରାଯାଇଛି । ସକାଳୁ ଚାରିକର୍ମ, ବ୍ରତକର୍ମ, ମୁଣ୍ଡନ, ପଞ୍ଚଗ୍ରାସ, ଭିକ୍ଷାଗ୍ରହଣ, ମନ୍ଦିର ପରିସରରୁ ବ୍ରହ୍ମଚାରୀ ରୋଷଣୀ ତାରିଣୀ ମନ୍ଦିର ଛକ ପର୍ଯ୍ୟନ୍ତ ପରିକ୍ରମା କରି ମନ୍ଦିର ନିକଟ ବେଦିକୁ ଆସିଥିଲେ । ଛତିଆବଟରୁ ଆସିଥିବା ମୁଖ୍ୟ ପୁରୋହିତ ତାପସ ରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ୭ଜଣ ପୁରୋହିତ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ପୂଜା କର୍ମରେ ପ୍ରଦୀପ୍ତ ପଣ୍ଡା, ମୃତ୍ୟୁଞ୍ଜୟ କର, ମନୋଜ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ବ୍ରତ ହୋଇଥିବା ପିଲାଙ୍କ ପରିବାର ଓ ସମ୍ପର୍କୀୟଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର କମିଟି କୋଷାଧ୍ୟକ୍ଷ ପିକେ ତ୍ରିପାଠୀ, ସମ୍ପାଦକ ଏସଏ ବାସ୍ତୁ, ଯୁଗ୍ମ ସମ୍ପାଦକ ଶୁଭେନ୍ଦୁ ନାୟକ, ଉପ ସଭାପତି ସତ୍ୟବାଦୀ ମିଶ୍ର, ଭଣ୍ଡାର ପରିଚାଳକ ପର୍ଶୁରାମ ସ୍ୱାଇଁ, ବନୋଜ କୁମାର ମହଲା, ତ୍ରିନାଥ ସାହୁ, ସଂଗ୍ରାମ କେଶରୀ ସାମନ୍ତରାୟ, ଜିଜିଏମ ସିପିପି ଅମରେନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

- ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର

## ଚୋରି ଅଳଙ୍କାର ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ

- କାର୍ଯ୍ୟାନୁଷ୍ଠାନ ଦାବି



ଅନୁଗୋଳ, ୧୮ ।୧(ସମିସ): ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ବିଭିନ୍ନ ସମସ୍ୟା ଓ ଚୋରି ହୋଇଥିବା ଶ୍ରୀଜୀଉମାନଙ୍କ ରତ୍ନ ଅଳଙ୍କାର ସମ୍ପର୍କରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ସେନାର ସଦସ୍ୟମାନେ । ଗୁରୁବାର ବିଳମ୍ବିତ ରାତିରେ ଶ୍ରୀଜୀଉମାନଙ୍କ ଅଳଙ୍କାର ଓ ହୁଣ୍ଡିରୁ ଦାନ ଟଙ୍କା ଚୋରି ହେବା ଘଟଣା ଅନୁଗୋଳବାସୀଙ୍କୁ ବିଶେଷ ଆଘାତ ଦେଇଛି । ଜଗନ୍ନାଥ ମନ୍ଦିର ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଏହାର ନିରାକରଣ ଦିଗରେ ମନ୍ଦିର ପରିଚାଳନା କମିଟି କେବେ ଦୃଷ୍ଟି ଦେଇନାହିଁ । ଏହି କମିଟିକୁ ଭାଙ୍ଗି ନିର୍ବାଚନ ବା ଗଣତାନ୍ତ୍ରିକ ପଦ୍ଧତିରେ ନୂତନ କମିଟି ଗଠନ, ମନ୍ଦିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଯାହାର ଅବହେଳାରୁ ଚୋରି ହେଲା ସେମାନଙ୍କୁ ବହିଷ୍କାର, ମହାପ୍ରସାଦର ମାନ ଭଲ ହେଉ ନ ଥିବା ନେଇ ସାଧାରଣରେ ଅଭିଯୋଗ ଆଦିର ତଦନ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି । ମନ୍ଦିରକୁ ଦାନ ଦେଉଥିବା ଭକ୍ତଙ୍କ ଅଳଙ୍କାର କିମ୍ବା ଟଙ୍କାର ସବିଶେଷ ବିବରଣୀ ରେକର୍ଡ ରଖାଯିବାକୁ ଅନୁରୋଧ କରାଯାଇଛି । ଚୋରର ସନ୍ଧାନ କରି ଅବିଳମ୍ବେ ତାକୁ ଗିରଫ କରାଯାଇ ଶ୍ରୀଜୀଉମାନଙ୍କ ଅଳଙ୍କାର ଉଦ୍ଧାର କରାଯାଉ ବୋଲି ଜଗନ୍ନାଥ ସେନା ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

## ଫେବୃଆରୀ ୧୫ରେ ରାଜ୍ୟସ୍ତରୀୟ ପର୍ବତାରୋହଣ

ଅନୁଗୋଳ, ୧୮ ।୧(ସମିସ): ୟୁଥ ହଷ୍ଟେଲ ଅଫ ଇଣ୍ଡିଆର ନାଲକୋ ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଜୈବବିବିଧତା ଓ ପର୍ବତାରୋହଣ କାର୍ଯ୍ୟକ୍ରମ ଆସନ୍ତା ଫେବୃଆରୀ ୧୫ ଓ ୧୬ ତାରିଖ ଅନୁଷ୍ଠିତ



ହେବ । ଏହି ଉପଲକ୍ଷେ ଏକ ବୈଠକ ଅନୁଗୋଳ ସହର ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଅନୁଷ୍ଠିତ ହୋଇଛି । ନାଲକୋ ଶାଖା ସଭାପତି ଭବାନୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସମ୍ପାଦକ ପ୍ରହଲ୍ଲାଦ ପଟ୍ଟନାୟକ ଯୋଗଦେଇଥିଲେ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଏଥିରେ ୟୁଥ ହଷ୍ଟେଲର ସଦସ୍ୟ ଅଂଶଗ୍ରହଣ କରିବେ । ଚଳିତ ବର୍ଷ ଟିକରପଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ କ୍ୟାମ୍ପ ହେବା ପାଇଁ ସ୍ଥିର କରାଯାଇଛି । ୧୫ ତାରିଖ ଅନୁଗୋଳ ସହରରୁ ଟିମ୍ ଟିକରପଡ଼ା ଅଭିମୁଖେ ଯାତ୍ରା କରିବେ । ଟିକରପଡ଼ା ଉଚ୍ଚ ବିଦ୍ୟାଳୟ ପରିସର କ୍ୟାମ୍ପରେ ଅଂଶଗ୍ରହଣକାରୀ ରାତ୍ରିଯାପନ କରିବେ । ୧୬ ତାରିଖ ସକାଳେ ସେମାନଙ୍କୁ ସତକୋଶିଆର ଜୈବବିବିଧତା ଉପରେ ବ୍ୟାପକ ସଚେତନ କରାଯିବା ସହ ନିକଟରେ ଥିବା ପର୍ବତ ଆରୋହଣ କରିବେ । ପାହାଡ଼ ଚଢ଼ିବା ସମୟରେ ସେମାନଙ୍କୁ ଜୈବବିବିଧତା ଉପରେ ବୁଝାଇବା ସହ ଆବଶ୍ୟକ ସତର୍କତା ଉପରେ ଅବଲମ୍ବନ କରାଯିବ । ଏହା ପୂର୍ବରୁ ରେକୀ ପାଇଁ ଏକ ଟିମ୍ ଟିକରପଡ଼ା ଗସ୍ତ କରି ପାହାଡ଼ ଚଢ଼ିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୈଠକରେ ନାଲକୋ ଶାଖା ସମ୍ପାଦକ ଦିଲୀପ କୁମାର ଦାସଙ୍କ ସହ ସଦସ୍ୟମାନେ ଯୋଗଦେଇ ନିଜ ମତାମତ ପ୍ରଦାନ କରିଥିଲେ । ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା ।

## ପାଲା ମାଧ୍ୟମରେ ହାତୀ ସୁରକ୍ଷା ସଚେତନତା

ଅନୁଗୋଳ, ୧୮ ।୧(ସମିସ): ହାତୀ ଆମର ଐତିହ୍ୟ ପ୍ରାଣୀ । ଆମ ସଂସ୍କୃତି ପରମ୍ପରା ଓ ଆଧ୍ୟାତ୍ମିକ ଚେତନା ସହ ହାତୀ ଜଡ଼ିତ । କିନ୍ତୁ ସ୍ଥଳଭାଗର ସର୍ବବୃହତ ପ୍ରାଣୀର ଚଲାପଥ ଓ ପ୍ରାକୃତିକ ଆବାସସ୍ଥଳୀ ଖଣ୍ଡବିଖଣ୍ଡିତ ହେବା ଫଳରେ ହାତୀ-ମଣିଷ ବିବାଦ ଉଗ୍ରରୂପ ଧାରଣ କରିଛି । ଏହାର ନିରାକରଣ ପାଇଁ ସଚେତନତା ଆବଶ୍ୟକ । ଲୋକେ ସଚେତନ ହେଲେ ସମସ୍ୟା ପ୍ରଶମିତ ହୋଇପାରିବ । ଏହି ଲକ୍ଷ୍ୟନେଇ ଦିଲ୍ଲୀସ୍ଥିତ ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟ ଏବଂ ସହଯୋଗୀ ଅନୁଷ୍ଠାନ ନିୟୁଜ ମିଳିତ ଉଦ୍ୟମରେ ଆମ ଲୋକକଳା ପାଲା ମାଧ୍ୟମରେ ଗଜ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅନୁଗୋଳ ବନଖଣ୍ଡ କୁଇଓ ଜଙ୍ଗଲ ଗ୍ରାମ, ଗୁରଙ୍ଗ ଏବଂ ପବଲା ଗ୍ରାମରେ



ପାଲା ପରିବେଷଣ କରାଯାଇ ହାତୀ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଗୋଳ ବନପାଳ ଗତିକୃଷ୍ଣ ବେହେରା, ବନରକ୍ଷୀ ସୁଜାତା ପ୍ରଧାନ, ନିୟୁଜ ଅନୁଷ୍ଠାନର ସଞ୍ଚାଳକ ସୁବ୍ରତ କୁମାର ପ୍ରଧାନ, ପ୍ରିୟବ୍ରତ ବେହେରା ଏବଂ ବିନୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସ୍କୁଲ ପରିଦର୍ଶନ



ପାଲଲହଡ଼ା, ୧୮ ।୧(ସମିସ): ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଙ୍କ ଅବନୀକାନ୍ତ ସାହୁ ଶୁକ୍ରବାର ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ଖେମଲା ପଞ୍ଚାୟତ ଖେମଲା ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରକୋଟିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବାଲିପଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ । ଏହି ସ୍କୁଲ୍‌ଗୁଡ଼ିକରେ ସେ ମଧ୍ୟାହ୍ନଭୋଜନର ଯାଞ୍ଚ କରି ନିମ୍ନମାନର ଖାଦ୍ୟ ପରଷା ଯାଉଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ସ୍କୁଲଗୁଡ଼ିକରେ ମଧ୍ୟାହ୍ନ ଭୋଜନରେ ଅନିୟମିତତା ହେଉଥିବା ରାଜ୍ୟ ଖାଦ୍ୟ ଆୟୋଗଙ୍କ ନିକଟରେ ପୂର୍ବରୁ ଅଭିଯୋଗ ହୋଇ ଆସୁଥିବାରୁ ଅଧ୍ୟକ୍ଷ ସ୍କୁଲଗୁଡ଼ିକୁ ଗସ୍ତ କରିଥିଲେ । ସ୍କୁଲ୍‌ଗୁଡ଼ିକର ରେଜିଷ୍ଟର ଯାଞ୍ଚ୍ କରି ମଧ୍ୟାହ୍ନଭୋଜନ ପାଇଁ ଆସୁଥିବା ଚାଉଳରେ ଅନିୟମିତତା ହୋଇଥିବା ଜାଣିବାକୁ ପାଇଥିଲେ । ସମସ୍ତ ଅନିୟମିତତାର ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

## ଆଦିବାସୀ ମେଳାରେ ମା' ମଙ୍ଗଳା ଏସ୍‌ଏଚ୍‌ଜିର ସଫଳତା




ଅନୁଗୋଳ, ୧୮ ।୧(ସମିସ): ଅନୁଗୋଳ ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଜେରଙ୍ଗ ବନ ସଂରକ୍ଷଣ ସମିତିର ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଭୁବନେଶ୍ୱର ଆଦିବାସୀ ମେଳାରେ ଭଲ କାରବାର କରିଛି । ମାତ୍ର ୧୨ ଦିନରେ ମେଳାରେ ମହିଳାମାନେ ରେକର୍ଡ ୧୧, ୫୮, ୦୭୪ ଟଙ୍କା କାରବାର କରି ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ମେଳାରେ ୧୭ଟି ଫରେଷ୍ଟ ଡିଭିଜନର ବିଭିନ୍ନ ମହିଳା ଗୋଷ୍ଠୀ ଆମ ଜଙ୍ଗଲ ଯୋଜନାରେ ତାଲିମ ନେଇ ମୋଟ ୮୧, ୯୨, ୦୦୦ ଟଙ୍କାର କାରବାର କରିଛନ୍ତି । ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆମ ଜଙ୍ଗଲ ଯୋଜନାର ତାଲିମ ଓ ମାର୍ଗଦର୍ଶନ ଗ୍ରୁପଗୁଡ଼ିକୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେବାପାଇଁ ଯଥେଷ୍ଟ ପ୍ରେରଣା ଦେଇଛି । ମେଳାରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଚାଉଳ, ଡାଲି, ଆଚାର, ମସଲା, ଔଷଧୀୟ ତୈଳ ଓ ଅନ୍ୟ ଆୟୁର୍ବେଦିକ ଉତ୍ପାଦ ବିକ୍ରି କରିଥିଲେ । ଏହି କାରବାର ଦ୍ୱାରା ଗ୍ରୁପଗୁଡ଼ିକର ମର୍ଯ୍ୟାଦା ବଢ଼ିବା ସହ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ବେଶ୍ ସ୍ୱାବଲମ୍ବୀ ହୋଇପାରିଥିବା ଜଣାପଡ଼ିଛି ।

## ଟ୍ରାକ୍ଟର ଡାଲା ତଳେ ଚାପିହୋଇ ଶ୍ରମିକ ମୃତ

ବଇଣ୍ଡା, ୧୮ ।୧(ସମିସ): କିଶୋରନଗର ବ୍ଲକ ହଣ୍ଡପା ଥାନା ଗରୁଡ଼ ଗ୍ରାମରେ ଶନିବାର ସକାଳେ ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଡାଲା ତଳେ ଚାପିହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଠାକୁରଗଡ଼ ଥାନା ଝିଲ୍ଲୀମୁଣ୍ଡା ଗ୍ରାମର ବିଶୁଆ ବେହେରା । ଏହି ଘଟଣାକୁ ନେଇ ଗରୁଡ଼ରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ଟ୍ରାକ୍ଟରରେ ଧାନ ବୁହାଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଓଲଟି ପଡ଼ିଥିଲା । ଡାଲାରେ ବସିଥିବା ବିଶୁଆ ଚାପି ହୋଇ ରହିଯାଇଥିଲେ । ଟ୍ରାକ୍ଟର ମାଲିକ ଘଟଣାସ୍ଥଳରେ ପହଞ୍ଚି ଡାଲା ନେଇ ପଳାଇ ଯାଇଥିଲେ । ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା । ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଡେରଙ୍ଗ, ୧୮ ।୧(ସମିସ): କଣିହାଁ ବ୍ଲକ ଡେରଙ୍ଗସ୍ଥିତ ଭଣେଶ୍ୱରୀ ଉଚ୍ଚ ବିଦ୍ୟାଳୟର ୨୦୦୬ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଗୁରୁବାର ଛେଣ୍ଡିପଦା ବ୍ଲକ ବଡ଼ବେରେଣାସ୍ଥିତ ମା' ଝାରୀ କୁଆଁଦେଇ ଶକ୍ତିପୀଠରେ ଅନୁଷ୍ଠିତ ହୋଇଛି । ଏଥିରେ ଶିକ୍ଷକ ଭୋଳେଶ୍ୱର ସ୍ୱାଇଁ, ଟୁନା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅମୂଲ୍ୟ ବେହେରା, ସୁକାନ୍ତ ମହାନ୍ତି, ସଙ୍ଗୀତା ସାହୁ, ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସତ୍ୟଜିତ ବେହେରା, ବାବୁଲା ସାହୁ, ବିଜୟ ସାହୁ, ଚକ୍ରଧର ବେହେରା, ଅନିତା ବେହେରା, ମିମାସିନୀ ବେହେରା, ଚତୁରା ବେହେରା, ମନୋଜ ନାଏକ, ମାଳତୀ ମହାନ୍ତି, ଲିପି ସାହୁ, ରାଜକିଶୋର ସାହୁ, ପ୍ରବୀଣ ମହାନ୍ତି, ଅମିୟ ବେହେରା, ସୁଜାତା ମହାନ୍ତି, ସୁଶାନ୍ତ ଦେହୁରୀ, କୃଷ୍ଣ ମହାନ୍ତି, ସହଦେବ ସାମଲ, ଶ୍ରୀକାନ୍ତ ସାହୁ, ସରୋଜ କିସାନ, ସୁଷମା ସାହୁ, କପି ମହାନ୍ତି, ବିଶାଖା ବେହେରା, ପ୍ରମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

**ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୩ (୫୦୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି ।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ପଶ୍ଚିମବଙ୍ଗ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବ୍ଲକ୍-ଡିଜେ, ସେକ୍ଟର-II, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଖ) ବିହାର ରାଜ୍ୟ ବିଦ୍ୟୁତ ଧାରଣ କମ୍ପାନୀ ଲିମିଟେଡ୍ (ପୂର୍ବରୁ ବିହାର ରାଜ୍ୟ ବିଦ୍ୟୁତ ବୋର୍ଡ), ବିଦ୍ୟୁତ ଭବନ, ବେଲୀ ରୋଡ୍, ପଟନା - ୮୦୦୦୦୧
ଗ) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ୍, ଇଞ୍ଜିନିୟରିଂ ଭବନ, HEC ଟାଉନଶିପ୍, ଧୁର୍ୱା, ରାଞ୍ଚି - ୮୩୪୦୦୪
ଘ) ଗ୍ରିଡ୍ କର୍ପୋରେସନ୍ ଅଫ୍ ଓଡ଼ିଶା ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭
ଙ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ ବିଦ୍ୟୁତ ଭବନ, ରେସ୍କୋର୍ସ, ବଡୋଦା, ଗୁଜରାଟ - ୩୯୦୦୦୭

୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 500 ମେଗାୱାଟ୍
୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹2761.87 କୋଟି
୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC
୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରାସଙ୍ଗିକ
୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 04.04.2012
୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରାସଙ୍ଗିକ
୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 67576.10 | 65325.71 | 57867.27 | 58624.96 | 57481.37 | 58535.61 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ) | 3.987 | 3.234 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୬୦୦ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ କିମ୍ବା ଦାୟର ଯାଚିକା ଅନୁଯାୟୀ ।
୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି ।
୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଙ୍ଗ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ ।

ସ୍ଥାନ: ନୋଏଡା (ଉ.ପ୍ର.)
ତାରିଖ: ୦୩.୧୨.୨୦୨୪
(ପ୍ରଶାନ୍ତ ଚତୁର୍ବେଦୀ)
ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

# ଜରପଡ଼ାକୁ ବ୍ଲକ ମାନ୍ୟତା ଦାବି ଜୋର୍ ଧରିଲା

ଅନୁଗୋଳ, ୧୮ ।୧(ସମିସ)



ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର କେନ୍ଦ୍ରସ୍ଥଳୀ ଜରପଡ଼ାଠାରେ ନୂତନ ବ୍ଲକ ଗଠନ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ଜୋର୍ ଧରିଛି । ଜରପଡ଼ା ଆଞ୍ଚଳିକ ବିକାଶ ପରିଷଦ ଆହ୍ୱାନ କ୍ରମେ ଶୁକ୍ରବାର ସ୍ଥାନୀୟ ବାବାଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ବିକାଶ ପରିଷଦ ସଭାପତିଙ୍କ ଆହ୍ୱାନ କ୍ରମେ ସୁଶାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ନୂତନ ବ୍ଲକ ଗଠନ ନେଇ ଆଲୋଚନା କରାଯାଇଥିଲା । ଭୌଗୋଳିକ ଅବସ୍ଥିତିକୁ ଦୃଷ୍ଟିରେ ରଖି ଏଠାରେ ବ୍ଲକ ଗଠନ ସମ୍ପର୍କରେ ଅତିଥି ତଥା ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ଏବଂ ବୁଦ୍ଧିଜୀବୀମାନେ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ, ସମାଜସେବୀ, ବିଭିନ୍ନ ରାଜନୈତିକ ନେତୃବୃନ୍ଦ ପ୍ରମୁଖ ଦଳମତ ନିର୍ବିଶେଷରେ ବ୍ଲକ ଗଠନ ସପକ୍ଷରେ ନିଜସ୍ୱ ମତାମତ ପ୍ରଦାନ କରିବା ସହ ସମର୍ଥନ ଜଣାଇଥିଲେ । ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସମେତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟି

**୨୧ ପଞ୍ଚାୟତବାସୀଙ୍କ ସମର୍ଥନ**

ଆକର୍ଷଣ କରିବା ସାଙ୍ଗକୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଛେଣ୍ଡିପଦା ବ୍ଲକର କୁଷକିଳା, ବାଲିପଟା, କୋରଡ଼ା, ଜରପଡ଼ା, ଦୁର୍ଗାପୁର, ଜେରେଙ୍ଗ, କତଡ଼ା, ପରା, ଓଗି, ତୁକୁଡ଼ା, ବଆଁରପାଳ ବ୍ଲକର କଞ୍ଚୁରା, ବଡ଼ହିଂସର, ଜରଡ଼ା, ସାନ୍ତରାପୁର, ତୁବେ, ସାନକେରଜାଙ୍ଗ, ବଡ଼କେରଜାଙ୍ଗ ଓ ଅନୁଗୋଳ ବ୍ଲକର ଟାଇଁଶି, ଅନ୍ତୁଳିଆ, କୋଠଭୂଇଁ, ଆଦି ୨୧ ପଞ୍ଚାୟତକୁ ନେଇ ବ୍ଲକ ଗଠନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଛି । ବୈଠକରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରାଯାଇଛି । ସଭାପତି ଭାବେ ସୁଦୀପ ଗଡ଼ନାୟକ, କାର୍ଯ୍ୟକାରୀ ସଭାପତି ନାରାୟଣ ସାହୁ, ସମ୍ପାଦକ ଆଇନଜୀବୀ ନୀଳକଣ୍ଠ ସାହୁ, ସହସମ୍ପାଦକ ଡମ୍ବରୁଧର ବେହେରା, କୋଷାଧ୍ୟକ୍ଷ ଲିଙ୍ଗରାଜ ପ୍ରଧାନ, ମିଡିଆ ସଂଯୋଜକ ଲମ୍ବୋଦର ସାହୁ, ଭୋଳେଶ୍ୱର ଗୋଛାୟତ ଓ ଜୟନ୍ତ ପ୍ରଧାନଙ୍କୁ ମନୋନୀତ କରାଯାଇଛି । ଏଥିସହ ପ୍ରତ୍ୟେକ ପଞ୍ଚାୟତରୁ ଦୁଇଜଣ ଲେଖାଏଁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଭ୍ୟା ଭାନୁପ୍ରିୟା ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ରସାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । କହ୍ନେଇ ସାହୁ, ସୁଜିତ କୁମାର ସାହୁ, ବିନୋଦ ପ୍ରଧାନ, ଲମ୍ବୋଦର ସାହୁ, କୁଶ ବାରିକ, ମନୋଜ ସାହୁ, ମନୋଜ ବେହେରା, ଜୀବନାନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ନାହାନ୍ତି ଅମିନ, ହୋଇପାରୁନି ମାପ
# ବଢୁଛି ଜମିଜମା ମାମଲା

ଗରଦପୁର,୧୮ ।୧(ସମିସ)

ଗରଦପୁର ତହସିଲରେ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି। ଫଳରେ କୌଣସି କାମ ହେବା ସମ୍ଭବପର ହେଉନି । ପିଅନ ନଥିବାରୁ ତହସିଲଦାର, ଅତିରିକ୍ତ ତହସିଲଦାର ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି। ଏମିତିକି ବର୍ଷ ବର୍ଷ ଧରି ସାଧାରଣ ଲୋକ ଡିମାରକେଶନ ପାଇଁ ଆବେଦନ କରିଥିଲେ ମଧ ତାହା ହୋଇପାରୁନି। ଫଳରେ ଜମିଜମା ସମ୍ବନ୍ଧୀୟ ମାମଲା ବଢ଼ି ବଢ଼ି ଚାଲିଛି ।ଭାଇ ଭାଇଠାରୁ ଆରମ୍ଭ କରି ପଡୋଶୀ ପର୍ଯ୍ୟନ୍ତ ଜମିଜମାକୁ ନେଇ ଆକ୍ରମଣ ପ୍ରତି ଆକ୍ରମଣ ମାମଲା ବଢ଼ିଚାଲିଛି। ଏ ନେଇ ଥାନାକୁ ମାମଲା ଗଲେ ଜମିଜମାକୁ ନେଇ ହୋଇଥିବା ମାମଲାକୁ ପୁଲିସ ଅଣଦେଖା କରୁଛି ।ସୂଚନା ମୁତାବକ, ଗତ ୨୦୨୪ ମସିହାରୁ ଏପର୍ଯ୍ୟନ୍ତ ଜିଲ୍ଲାରେ ୩ ହଜାରରୁ ଅଧିକ ଗଣ୍ଡଗୋଳ କେବଳ ଜମିଜମାକୁ ନେଇ ଘଟିଛି । କେବଳ ଗରଦପୁର ଅଞ୍ଚଳରେ ୭ ଶହରୁ ଉଦ୍ଧର୍ ଗଣ୍ଡଗୋଳ ଘଟିଛି । ଗତ ଜାନୁଆରୀ ମାସରେ ୧ ଶହରୁ ଅଧିକ ଗଣ୍ଡଗୋଳ ହେଲାଣି ।ଯଦି ଉପଯୁକ୍ତ ସମୟରେ ସରକାର ଗରଦପୁର ତହସିଲକୁ ଅମିନ ଯୋଗାଇ ଦିଅନ୍ତେ ତେବେ ଏହିଭଳି ଘଟଣା କମ ହୋଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି ।ଗରଦପୁର ତହସିଲରେ ଦୁଇଜଣ ସରକାରୀ ଅମିନ ରହିଛନ୍ତି। ହେଲେ ବର୍ତ୍ତମାନ ଜଣଙ୍କୁ ମହାକାଳପଡ଼ା ବଦଳି କରାଯାଇଛି । ଆଉ ଅନ୍ୟଜଣେ ଅମିନ ଜମିଜମାକୁ ନେଇ ବିଶେଷ ଭାବରେ ଅବଗତ ନାହାଁନ୍ତି । ଯଦିଓ ସରକାରୀ ନିୟମ ଅନୁଯାୟୀ ଯେଉଁ ସ୍ଥାନରେ ଅମିନ ନାହାଁନ୍ତି ଅବସରପ୍ରାପ୍ତ ଅମିନଙ୍କୁ ନେଇ କାର୍ଯ୍ୟରେ ଲଗାଇବା କଥା । ହେଲେ ଗରଦପୁର ତହସିଲରେ ତାହା ଦେଖିବାକୁ ମିଳିନି । ଏହାଛଡ଼ା ତହସିଲରେ ଡ୍ରାଫ୍ଟସ୍ମ୍ୟାନ ନାହାନ୍ତି । ଫଳରେ ନକ୍ସା ଓ ମୌଜା ସୀମାରେଖା ଏପର୍ଯ୍ୟନ୍ତ ଚୂଡାନ୍ତ ହୋଇପାରୁନି । ଦୀର୍ଘ ବର୍ଷ ଧରି ଗରଦପୁର ତହସିଲର ଅନେକ ମୌଜାର ସୀମା ନିର୍ଦ୍ଧାରଣ ନ ହେବାରୁ ଜମି କିଣାବିକା କିମ୍ବା କୌଣସି ପ୍ରକାର ଭୂ ବିଭାଗୀୟ କାର୍ଯ୍ୟ ହୋଇ ପାରୁନାହିଁ।

## କେବେ ଦୂର ହେବ କର୍ମଚାରୀ ସମସ୍ୟା

ଏଥି ନେଇ ବହୁବାର ବିଭିନ୍ନ ମୌଜାର ଲୋକ ଆବେଦନ ଓ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳୁନାହିଁ । ଫଳରେ ଝିଅ ପୁଅ ବାହାଘର, ଘର ନିର୍ମାଣ, ଭାଇଭାଗ ବଣ୍ଟନ, ମେଡିକାଲ ବାବଦୀୟ ଖର୍ଚ୍ଚ କରିବାରେ ଅସୁବିଧା ହେଉଛି ।ତେବେ ମୌଜା ସୀମା ନିର୍ଦ୍ଧାରଣ ହୋଇ ନ ପାରିବାରୁ ବିଶେଷ ସମସ୍ୟା ବଢୁଛି ।କେବଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡ୍ରାଫ୍ଟସ୍ମ୍ୟାନ ଥିବାରୁ ସେମାନେ ସବୁ ତହସିଲରେ କାମ କରିବା ଆଦୌ ସମ୍ଭବ ହେଉନାହିଁ ।ବର୍ଷ ବର୍ଷ ହେବ ସୀମା ନିର୍ଦ୍ଧାରଣ କାମ ନ ହେବାକୁ ନେଇ ଉଦବେଗ ପ୍ରକାଶ ପାଉଛି ।

ଏବେ ଡ୍ରାଫ୍ଟସ ମ୍ୟାନ ନଥିବାରୁ ନକ୍ସା ମଧ ଚୁଡାନ୍ତ ହେଉନାହିଁ । ଶାବକ ଆଉ ହାଲ ନକ୍ସା ମଧରେ ତାରତମ୍ୟ ଦେଖିବାକୁ ମିଳୁଛି । ଶାବକ ଏବଂ ହାଲରେ କାହାର କେତେ କଟିଲାଣି ତ ଆଉ କାହାର ଅଧିକ ଯୋଡ଼ି ଦିଆଯାଇଛି। ଫଳରେ ଲୋକଙ୍କ ମଧରେ ବିବାଦ ସୃଷ୍ଟି ହେଉଛି। ଗରଦପୁର ତହସିଲକୁ ନୂତନ ଭାବେ ଆସିଥିବା ତହସିଲଦାର ଆଉ ଅତିରିକ୍ତ ତହସିଲଦାରଙ୍କ ଉପରେ ବିଭିନ୍ନ ରାଜନୈତିକ ଚାପ ପଡୁଥିବାରୁ ନିଜେ ଫିଲ୍ଡ ପରିଦର୍ଶନ କରିବାକୁ ବାଧ ହେଉଥିବାରୁ ଅଫିସିଆଲ କୌଣସି କାର୍ଯ୍ୟ ହୋଇପାରୁନି ବୋଲି ମତପ୍ରକାଶ ପାଇଛି ।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ସଚେତନତା ଶିବିର



**ପଟ୍ଟାମୁଣ୍ଡାଇ,୧୮ ।୧(ସମିସ):** ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ପୋସ୍କୋ ଆକ୍ଟ ସମ୍ପର୍କରେ ଆଇନଗତ ସଚେତନତା ସୃଷ୍ଟି କରିବା ପାଇଁ ଏକ ସଚେତନତା ଶିବିର ପଟ୍ଟାମୁଣ୍ଡାଇ କଲେଜରେ ଅନୁଷ୍ଠିତ ହୋଇଯାଇଛି ।ପଟ୍ଟାମୁଣ୍ଡାଇ କୋର୍ଟର ନୂତନ ଅତିରିକ୍ତ ଜିଲ୍ଲା ଜଜ୍ (ଏଡ଼ିଜେ) ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟ ଓ ସିନିୟର୍ ସିଭିଲ୍ ଜଜ୍ ତଥା ତାଲୁକ୍ ଆଇନ ସେବା ସମିତିର ଅଧ୍ୟକ୍ଷା ସୁଶ୍ରୀସଙ୍ଗୀତା ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟ ବିଚାରପତି ତଥା ଜେଏମଏଫସି ଡ଼ି. କେ. ବାଲକ୍ରିଷ୍ଣନ,ପଟ୍ଟାମୁଣ୍ଡାଇ ଓକିଲ ସଂଘ ସଭାପତି ତପନ ମିଶ୍ର, ଉପସଭାପତି ସୁରେଶ କୁମାର ନରେନ୍ଦ୍ର, ସମ୍ପାଦକ ରବୀନ୍ଦ୍ର ଦାଶ, ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଭୂୟାଁ, ଆଇନଜୀବୀ ତ୍ରୈଲୋକ୍ୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପୋସ୍କୋ ଆକ୍ଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ।ଏଥି ପାଇଁ ପଟ୍ଟାମୁଣ୍ଡାଇ କଲେଜରେ କମିଟି ଗଠନ ହୋଇଥିବାବେଳେ ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ସ୍କୁଲ, କଲେଜ, ଜିଲ୍ଲା ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତହସିଲ, ବ୍ଲକ ଅଫିସ, ବ୍ୟାଙ୍କ ସବୁଠାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଦ୍ୱାରା ଇଣ୍ଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳା ମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ପ୍ରକାଶ କରିବା ସହିତ କମିଟି ଗଠନ ବାଧ୍ୟତାମୂଳକ ହୋଇଥିବାରୁ ଯେଉଁ ସଂସ୍ଥା ଆନ୍ତଃର୍ଜାତୀୟ ଅଭିଯୋଗ କମିଟି ଗଠନ ନ କରିବେ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବେ ବୋଲି ପ୍ରକାଶ କରିଥିଲେ । ଏହି ସଚେତନତା ଶିବିରରେ ପଟ୍ଟାମୁଣ୍ଡାଇ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ର ଛାତ୍ରୀ, ଏନସିସି କାଡେଟ ଓ କର୍ମକର୍ତ୍ତା, ଲିଗାଲ ଏଡ଼ର ଅପର୍ଣ୍ଣା ସାମଲ, ମୋହନ ଦାଶ, ସମସ୍ତ ପିଏଲଭି ସଭ୍ୟ ଓ ସଭ୍ୟା ଆଦି ଯୋଗ ଦେଇଥିଲେ । ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଫ୍ରଣ୍ଟ ଅଫିସ ରିଟେନର ଧୀରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ ।

# ଜାତୀୟ ଦିବସ ପାଳନ କମିଟିର ପ୍ରସ୍ତୁତି



**ପଟ୍ଟାମୁଣ୍ଡାଇ,୧୮ ।୧(ସମିସ):** ଦେଶର ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ପାଳିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଦିବସ ପାଳନ କମିଟିର ଆବାହକ ତହସିଲଦାର ପଞ୍ଚାନନ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପାଳନ କମିଟି ସମ୍ପାଦକ ବରିଷ୍ଠ ଶିକ୍ଷାବିତ ବିଜୟ କୁମାର ସାହୁ ପାରମ୍ଭିକ ସୂଚନା ପ୍ରଦାନ କରିବା ସହିତ ପୂର୍ବ ବିବରଣୀ ପାଠ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ତହସିଲଦାର ଦିଲ୍ଲୀପ କୁମାର ନାୟକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଏସଆଇ ରତିରଞ୍ଜନ ରାଉତ, ପ୍ରଫେସର ଅନିରୁଦ୍ଧ ରାଉଳ, କିଶୋର ସାହୁ, ବଣିକ ସଂଘ ସହ ସମ୍ପାଦକ ସୁଦର୍ଶନ ଦାଶ, ଏବିଓ ସୁନୀତି ଦାଶ, କାଉନସିଲର ଗୋପୀବଲ୍ଲଭ ନାୟକ, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶିକ୍ଷାବିତ ଶ୍ରୀଧର ରାଉତ, କ୍ୟାପଟେନ ମନୋଜ ପରିଡା, ବିରକିଶୋର ଦାସ, ନୃସିଂହ ପ୍ରସାଦ ଚୌଧୁରୀ, ପ୍ରମୋଦ ଜେନା, ପ୍ରଦୀପ ସାହୁ, ଆଡଭୋକେଟ ଶିଶିର ମଲିକ, ସାମ୍ବାଦିକ ଅନିଲ ଚୌଧୁରୀ, ବିଭିନ୍ନ ସରକାରୀ କାର୍ଯ୍ୟାଳୟର ଅଧିକାରୀ, ପ୍ରତିନିଧି, ମାନ୍ୟଗଣ୍ୟ ବ୍ୟକ୍ତି, ଜାତୀୟ ଦିବସ ପାଳନ କମିଟିର ସଭ୍ୟସଭ୍ୟା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିବା ସହିତ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ପାଇଁ ନିଜନିଜ ମତାମତ ପ୍ରଦାନ କରିଥିଲେ। ଆଗାମୀ ୭୬ ତମ ସାଧାରଣତନ୍ତ୍ର ଦିବସ ପଟ୍ଟାମୁଣ୍ଡାଇ ପ୍ୟାରେଡ ପଡିଆ ଠାରେ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯିବା ସହିତ ରାଜନଗର ବିଧାୟକ ଧ୍ରୁବ ସାହୁ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତି କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ପୂର୍ବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଥିବା ସମସ୍ତ କଲେଜ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଜାନୁୟାରୀ ୨୬ ସକାଳେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୁନ ପରିବେଷଣ କରାଯିବାକୁ ନିଷ୍ପତ୍ତି ନିଆଯିବା ସହ ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ, ଏନ.ସି.ସି, ସ୍କାଉଟ, ଗାଇଡ ଛାତ୍ରଛାତ୍ରୀଙ୍କ ଦ୍ୱାରା ମିଳିତ ପ୍ୟାରେଡ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା।

# ୨ କୃତୀ ଛାତ୍ର ସମ୍ବର୍ଦ୍ଧିତ

**ପଞ୍ଚୁପାଣ୍ଡବ,୧୮ ।୧(ସମିସ):** ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗବତୀ ସରକାରୀ ଉଚ୍ଚବିଦ୍ୟାଳୟର ଦୁଇଜଣ ଛାତ୍ର ବୃତ୍ତି ପାଇଛନ୍ତି। ଏହି ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଉତ୍କଳ କେଶରୀ ବାରିକ ଓ ଓମ୍‌ପ୍ରକାଶ ପଢ଼ିଆରୀ ବୃତ୍ତି ପାଇଛନ୍ତି। ଦୁଇ ଛାତ୍ରଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା ଜେନା ସମ୍ବର୍ଦ୍ଧିତ କରିଛନ୍ତି। ଏ ଅବସରରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



# ୫ କୋଟି ୮୦ଲକ୍ଷ କଲେଜ ପାଣ୍ଠିର ମିଳୁନି ହିସାବ

## ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ତ୍ରିପାଠୀଙ୍କୁ କାରଣଦର୍ଶାଅ ନୋଟିସ୍

**କେନ୍ଦ୍ରାପଡ଼ା,୧୮ ।୧(ସମିସ):** କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨୦୧୯-୨୦ ଆର୍ଥିକ ବର୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷ ମଧ୍ୟରେ ଖର୍ଚ୍ଚ ହୋଇଥିବା ୫କୋଟି ୮୦ଲକ୍ଷ ୪ହଜାର ୩୧୯ଟଙ୍କାର ହିସାବ ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଦେଇପାରିନଥିବାରୁ ତାଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାର ଉତ୍ତର ୭ ଦିନ ମଧ୍ୟରେ ଦେବା ପାଇଁ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ଶ୍ରୀମତୀ ମମତା ଶ୍ରୀ ତ୍ରିପାଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ଯେ ପୂର୍ବତନ ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଲୋକାଲ ଅଡିଟ୍ ଓ ସ୍ୱତନ୍ତ୍ର ଅଡିଟ୍ ହେବା ସମୟରେ ମହାବିଦ୍ୟାଳୟ ପାଇଁ ଯେଉଁସବୁ ଅର୍ଥ ଖର୍ଚ୍ଚ ହୋଇଥିଲା ସେଥିରୁ ୫କୋଟି ୮୦ଲକ୍ଷ ୪ହଜାର ୩୧୯ଟଙ୍କାର କୌଣସି ହିସାବ ଦେଇପାରିନଥିଲେ। ତେଣୁ ଶ୍ରୀ ତ୍ରିପାଠୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ବୋଲି ତାଙ୍କୁ ପ୍ରଦାନ କରାଯାଇଥିବା କାରଣ ଦର୍ଶାଅ ନୋଟିସରେ ଉଲ୍ଲେଖ ରହିଛି।

# ପିପିଏଲ୍ ସାର କାରଖାନା ସମେତ ୪ ସ୍ଥାନରେ ପକ୍ଷୀ ଗଣନା



**ପାରାଦୀପ, ୧୮ ।୧ (ସମିସ) :** ପାରାଦୀପରେ ଶେଷ ହୋଇଛି ଚଳିତବର୍ଷର ପକ୍ଷୀ ଗଣନା କାର୍ଯ୍ୟକ୍ରମ ।କୁଜଙ୍ଗ ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ପିପିଏଲ କାରଖାନା ସମେତ ୪ଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। ଚଳିତବର୍ଷର ପକ୍ଷୀ ଗଣନା କାର୍ଯ୍ୟକ୍ରମ କୁଜଙ୍ଗ ବନଖଣ୍ଡ ଅଧିକାରୀ କାର୍ତ୍ତିକେଶ୍ୱର କଣ୍ଡେଇ ଙ୍କ ନେତୃତ୍ୱରେ ୫ଟି ଟିମ୍‌ରେ ୨୦ ଜଣ ସଦସ୍ୟଙ୍କ ଦ୍ୱାରା ଚାଲିଥିଲା । ପାରାଦୀପର ପିପିଏଲ କାରଖାନା ପରିସର, ଜଟାଧାର ତଣ୍ଡା, ବନ୍ଦର ଓ ହାଓ୍ୱାଖାନାରେ ପକ୍ଷୀ ଗଣନା କରାଯାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ପକ୍ଷୀଙ୍କ ସଂଖ୍ୟା ଅଧିକ ଥିବା ଦେଖିବାକୁ ମିଳିଛି। ଗତବର୍ଷ ପିପିଏଲ ସାର କାରଖାନା ପରିସରରେ ପାଖାପାଖି ୧୯ ହଜାର ବିଦେଶାଗତ ପକ୍ଷୀଙ୍କ ସମାଗମ ଦେଖିବାକୁ ମିଳିଥିବା ବେଳେ ଜଟାଧାର ତଣ୍ଡା, ହାଓ୍ୱାଖାନା ଓ ଶରବନ୍ତ ପ୍ରଭୃତି ଅଞ୍ଚଳରୁ ମୋଟ ୩୯ ହଜାର ପକ୍ଷୀଙ୍କ ସମାଗମ ହୋଇଥିଲା। ଚଳିତବର୍ଷ ପାଗ ଅନୁକୂଳ ରହିଥିବାରୁ ଅନେକ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଛି। ଚଳିତ ବର୍ଷ କେବଳ ପିପିଏଲ କାରଖାନା ପରିସରରେ ୩୮ ହଜାରରୁ ଉଦ୍ଧର୍ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ପକ୍ଷୀ ଗଣନାରୁ ଜଣାପଡିଛି। ସେହିପରି ଜଟାଧାର ତଣ୍ଡା, ହାଓ୍ୱାଖାନା, ଶରବନ୍ତ ପ୍ରଭୃତି ଅଞ୍ଚଳରେ ପାଖାପାଖି ୨୬ ହଜାର ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ସେହିପରି କୁଜଙ୍ଗ ବନଖଣ୍ଡ ଅଧିନରେ କରାଯାଇଥିବା ପକ୍ଷୀ ଗଣନାରେ ମୋଟ ୬୪ ହଜାରରୁ ଉଦ୍ଧର୍ ବିଦେଶାଗତ ପକ୍ଷୀ ଙ୍କ ଆଗମନ ହୋଇଛି ।ପାରାଦ୍ୱୀପ ପିପିଏଲ ସାରକାରଖାନା ପରିସରରେ ରହିଥିବା ବଡ଼ ବଡ଼ ପୁଷ୍କରିଣୀ ଓ ବୃକ୍ଷରାଜୀ ବିଦେଶାଗତ ପକ୍ଷୀଙ୍କ ପ୍ରମୁଖ ଆଶ୍ରୟସ୍ଥଳ ପାଲଟିଛି। ଚଳିତ ବର୍ଷ ବିଭିନ୍ନ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିବା ନେଇ ବନଖଣ୍ଡ ଅଧିକାରୀ କାର୍ତ୍ତିକେଶ୍ୱର କଣ୍ଡେଇ ପ୍ରକାଶ କରିଛନ୍ତି।

# ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା



**ରାଜନଗର, ୧୮ ।୧(ସମିସ):** ଜିଲ୍ଲା ଆଞ୍ଚଳିକ ବାଣିଜ୍ୟ ପରିବହନ ପ୍ରାଧୀକରଣ ବିଭାଗ ପକ୍ଷରୁ ସଡକ ସୁରକ୍ଷା ମାସ ସଚେତନତା ଶୋଭାଯାତ୍ରା ଆଜି ରାଜନଗର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ରାଜନଗର ନୂଆ ବସଷ୍ଟାଣ୍ଡ ପରିସରରୁ ସ୍ଥାନୀୟ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଏହି ସଚେତନତା ଶିବିରକୁ ରାଜନଗର ଆଇଆଇସି ଅଜୟ କୁମାର ଜେନା, ତହସିଲଦାର ଅଜୟ କୁମାର ମହାନ୍ତି, ବିଡିଓ ଶୋଭନ ଶ୍ରୀତମ ପଣ୍ଡା, ଜିଲ୍ଲା ଅତିରିକ୍ତ ପରିବହନ ପରିଚାଳକ ଶଶିକାନ୍ତ ସାହୁ, ରାଜନଗର ବ୍ଲକ ସୁପରଭାଇଜର ବଂଶୀଧର ରାଉତ, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ସାମିଲ ହୋଇଥିବା ଛାତ୍ର ଛାତ୍ରୀମାନେ ସଡକ ସୁରକ୍ଷା ଶୀର୍ଷକ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ ନେଇ ରାସ୍ତାରେ ଯାଉଥିବା ଗାଡି ଚାଳକମାନଙ୍କୁ ହେଲମେଟ ପିନ୍ଧିବା, ସିଟ ବେଲ୍ଟ ଲଗାଇ ଗାଡି ଚଳାଇବା, ନିଶାଶକ୍ତ ଅବସ୍ଥାରେ ଗାଡି ନଚଳାଇବା, ୧୮ ବର୍ଷର କମ୍ ପିଲାଙ୍କୁ ଗାଡି ଚଳାଇବାକୁ ବାରଣ କରିବା, ମୋବାଇଲରେ କଥା ହୋଇ ଗାଡି ନଚଳାଇବାକୁ, ସଡକ ଓ ଟ୍ରାଫିକ ନିୟମ ମାନିବା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନତା କରିଥିଲେ। ଆଇଆଇସି ଶ୍ରୀ ଜେନା ସଡକ ଦୁର୍ଘଟଣା କିଭଳି ମଣିଷମାନଙ୍କ ପାଇଁ ନିରବ ମହାମାରୀ ସାଜିଛି ତାହା କହିବା ସହ ଆଜିର ଯୁବପିଢ଼ୀ ଏଥିପ୍ରତି ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। ବିଡିଓ ଶ୍ରୀ ପଣ୍ଡା ସଡକ ସୁରକ୍ଷା କାର୍ଯ୍ୟକ୍ରମ ପରବର୍ତ୍ତୀ ପିଢ଼ୀ ପାଇଁ ସତର୍କ ଘଣ୍ଟି ବୋଲି କହିଥିବା ବେଳେ ତହସିଲଦାର ଶ୍ରୀ ମହାନ୍ତି ସଡକ ସୁରକ୍ଷା ମାସର ତାତ୍ପର୍ଯ୍ୟ ଉପରେ କହିଥିଲେ। ଏହି ଶୋଭାଯାତ୍ରା ତ୍ରିନାଥବଜାର, ବୀଣାପାଣି ବଜାର,ବସଷ୍ଟାଣ୍ଡ, ରାଜନଗର ବଜାର ପ୍ରଭୃତି ପରିକ୍ରମା କରିଥିଲେ।

# ବେଣିପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ପଞ୍ଚୁପାଣ୍ଡବ,୧୮ ।୧(ସମିସ):** ଡେରାବିଶ ବ୍ଲକ୍ ବେଣିପୁର ପଞ୍ଚାୟତରେ ଥିବା ବେଣିପୁର ଉଚ୍ଚ ବିଦ୍ୟାଳୟରେ ଦୁଇଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶଶୀକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମୋହନ ଚରଣ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଚରଣ କୁଣ୍ଡ, ମୋ ସ୍କୁଲ ସଭାପତି ସୁଦୀପ୍ତ କେଶରୀ ସାମଲ ଓ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ମହେଶ୍ୱର ମଣ୍ଡଳ, ଏବିଓ ସଚ୍ଚିକାନ୍ତ ମିଶ୍ର ଓ ସିଆରସିସି ପ୍ରଦୀପ ମଲ୍ଲ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଛାତ୍ରଙ୍କ ମଧ୍ୟରେ ଜନ୍ମେଜୟ ମଲ୍ଲିକ ଓ ଛାତ୍ରୀଙ୍କ ମଧ୍ୟରେ ଅଭିଲିପ୍ସା ସାହୁ ଚାମ୍ପିଅନ୍ ହୋଇଥିଲେ । ପ୍ରଶାନ୍ତ ପାଢ଼ୀ, ପ୍ରିୟରଞ୍ଜନ ସାହୁ, ସୁନୀତା ସାହୁ ସୌଭାଗ୍ୟଲକ୍ଷ୍ମୀ ପୃଷ୍ଟି ଓ ଶିଶିର ଜୋଜୋ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ପ୍ରଣବ ଜେନା ଯୋଗ ଦେଇଥିଲେ । ଶିକ୍ଷକ ଗାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପର୍ଯ୍ୟାପ୍ତ ଜଳ ଉପଲବ୍ଧ ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ରାଜନଗର,୧୮ ।୧(ସମିସ):** ସଶକ୍ତ ପଞ୍ଚାୟତ ଗଠନ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତ ପ୍ରତିଷ୍ଠାନ ଏବଂ ପାନୀୟଜଳ ବିଭାଗ ଓଡିଶା ସରକାର ଏବଂ କେନ୍ଦ୍ରାପଡା ଜିଲ୍ଲାପରିଷଦ ଆନୁକୂଲ୍ୟରେ ଏକଦିବସୀୟ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ପଞ୍ଚାୟତ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆୟୋଜିତ ଶିବିରକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ଏବଂ ବିଡିଓ ଶୋଭନ ଶ୍ରୀତମ ପଣ୍ଡା ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷା ଶ୍ରୀମତୀ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଆରଡବ୍ଲୁଏସଏସର ସହକାରୀ ଯନ୍ତ୍ରୀ ପ୍ରବୋଧ ନାୟକ, ଇଆରପି ଅନନ୍ତ କୁମାର କର, ଜିପିଇଓ ଧର୍ମେନ୍ଦ୍ର ଦାଶ, ସିପି ଆଶୀଷ ସାହୁ ପ୍ରମୁଖ ଯୋଗଦେଇ ବ୍ଲକର ୨୯ ପଞ୍ଚାୟତର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଏଡିଓମାନଙ୍କୁ ପଞ୍ଚାୟତ ଗୁଡିକରେ ପର୍ଯ୍ୟାପ୍ତ ଜଳ, ପରିଷ୍କାର ଓ ସବୁଜ ପଞ୍ଚାୟତ ଗଠନ ନିମନ୍ତେ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମକୁ ଏସିପି ପ୍ରଭାତ ମହାନ୍ତି, ଶୀତଲ ଜେନା, ରମେଶ ଜେନା ପ୍ରମୁଖ ପରିଚାଳନା କରିଥିଲେ ।

# ବାର୍ଷିକ କ୍ରୀଡ଼ା ଓ ବୌଦ୍ଧିକ ଜ୍ଞାନ ପ୍ରତିଯୋଗିତା ଉଦ୍‌ଯାପିତ

**ରାଜନଗର,୧୮ ।୧(ସମିସ):** ରାଜନଗର ବ୍ଲକ ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା, ବୌଦ୍ଧିକ ଜ୍ଞାନ ଓ ସାଂସ୍କୃତିକ ପ୍ରତିଯୋଗିତା ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ ଏହି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧିରେନ ବିଶ୍ୱାଳ, କିଶୋର ଚନ୍ଦ୍ର ବରାଳ, ବିକ୍ରମ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡା ଶିକ୍ଷକ ରାଜେଶ ପ୍ରଧାନ, ଶିକ୍ଷୟିତ୍ରୀ ସବିତା ମିଶ୍ର, କଳ୍ପନା ଦାସ, ମନସ୍ୱିନୀ ରଥ, ନିରାକାର ସେଠୀ, ସତ୍ୟ ନାରାୟଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାସ, ଉର୍ମିଳା ପରିଡା, ପଦ୍ମଲୋଚନ ସ୍ୱାଇଁ, ଅଭିଲିପ୍ସା ଦାସ, ତାରିଣୀ ପ୍ରିୟଦର୍ଶିନୀ, ପ୍ରଲ୍ୟ କୁମାର ମଲିକ, ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ କ୍ରୀଡାକୁ ପରିଚାଳନା କରିଥିଲେ ।

## ମଣ୍ଡି ଉଦ୍‌ଘାଟନ ହେଲା
# ଏଯାଏଁ ସଂଗ୍ରହ ହୋଇପାରୁନି ଧାନ

ରାଜନଗର, ୧୮ ।୧(ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତମାସ ୧୦ ତାରିଖରୁ ଚାଷୀମାନଙ୍କ ଠାରୁ ଖରିଫଧାନ ସଂଗ୍ରହ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଛି । ମଣ୍ଡି ଉଦ୍‌ଘାଟନ ହେବାର ୯ଦିନ ବିତିଗଲାଣି। ମାତ୍ର ଆଜିଯାଏଁ ରାଜନଗର ବ୍ଲକରେ ଧାନ ସଂଗ୍ରହ ହୋଇପାରୁନି। ଚାଷୀମାନେ ଧାନନେଇ ମଣ୍ଡିରେ ପହଞ୍ଚିଥିଲେ ମଧ ମିଲରଙ୍କ ଦେଖା ନଥିବାରୁ ଓ କ୍ୱାଲିଟି ଆନାଲାଇଜ କରିବା ପାଇଁ କେହି ପହଁଞ୍ଚି ନଥିବାରୁ ଧାନ ସଂଗ୍ରହ ହୋଇପାରୁନି। ଏହାକୁ ନେଇ ଚାଷୀଙ୍କ ମଧରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ରାଜନଗର ବ୍ଲକର ରାଜନଗର, ବଡନାଉକୋଣା, ଚାନ୍ଦିବାଉଁଶମୂଳ, ଭାଟପଡା, ଡାଙ୍ଗମାଳ, ଡେରା, କୋଇଲପୁର, କୁରୁଣ୍ଟି, ନୋଧାବସନ୍ତ, ତାଳଚୁଆ, ରଙ୍ଗଣୀ, ଓସ୍ତିଆ,ଗୋପାଳପୁର, ବାଲିସାହିପାଟଣା ପ୍ରଭୃତି ୧୪ଟି ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଛି। ମଣ୍ଡିରେ ଚାଷୀମାନେ ଧାନ ନେଇ ପହଁଞ୍ଚିଥିବା ବେଳେ ମିଲରଙ୍କ ଦେଖା ମିଳୁନି। ସେବା ସମବାୟ ସମିତି ଗୁଡିକରେ ଚାଷୀମାନଙ୍କ ଧାନ ଖୋଲା ଆକାଶ ତଳେ ପଡି ରହିଥିବା ବେଳେ ଧାନ ସଂଗ୍ରହ ହୋଇପାରୁନି। ରାଜନଗର ବ୍ଲକରେ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ଦିନ ଧାର୍ଯ୍ୟ କରିଛି। ଚାଷୀମାନେ ଆଣିଥିବା ଧାନ ଏଫଏକ୍ୟୁ ମାନର ନା ନୁହେଁ ତାହା ପରୀକ୍ଷା କରିବା ପାଇଁ କ୍ୱାଲିଟୀ ଆନାଲିଟିଷ୍ଟ ନିଯୁକ୍ତି ହୋଇନଥିବାରୁ ଧାନ ସଂଗ୍ରହ ହୋଇପାରିନଥିବା ଜଣାପଡିଛି। ଏହାବ୍ୟତୀତ ମିଲରମାନେ କୌଣସି ମଣ୍ଡିରେ ଧାନ ସଂଗ୍ରହ ପାଇଁ ଅଖା ପହଁଞ୍ଚାଇନଥିବା ବେଳେ ମିଲରଙ୍କ ଦେଖା ମିଳୁନଥିବା ନେଇ ସେବା ସମବାୟ ସମିତିର ସଂପାଦକମାନେ କହିଛନ୍ତି। ଗୋଟିଏ ପଟେ କ୍ୱାଲିଟୀ ଆନାଲିଟିଷ୍ଟଙ୍କ ଦେଖା ନଥିବା ବେଳେ ମିଲର ଆସୁନଥିବାରୁ ରାଜନଗର ବ୍ଲକରେ ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ହୋଇପାରୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନୋଡାଲ ଅଫିସର ତହସିଲଦାର ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ଆଜି କ୍ୱାଲିଟୀ ଆନାଲିଟିଷ୍ଟ ନିଯୁକ୍ତି ପାଇବେ, ଏହାପରେ ଧାନ ସଂଗ୍ରହ ହେବ ବୋଲି କହିଛନ୍ତି।



# ଭୁଶୁଡ଼ିବ ନିର୍ମାଣାଧୀନ କରାଣ୍ଡିଆ ସେତୁର ପିଲାର

## ଆଶଙ୍କାରେ ଅଞ୍ଚଳବାସୀ

**ଡେରାବିଶ,୧୮ ।୧(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣା ଓ କରାଣ୍ଡିଆ ନଦୀରେ ଗହଗା ନିକଟରେ ନିର୍ମାଣାଧୀନ ସେତୁର ଅର୍ଦ୍ଧନିର୍ମିତ ପିଲାର ଭୁଷୁଡ଼ି ପଡ଼ିବାର ଆଶଙ୍କା ଦେଖାଦେଇଛି ।କାରଣ ବାଲିମାଫିଆମାନେ ନଦୀର ଏହି ସ୍ଥାନରୁ ଜେସିବି ମେସିନ୍ ଲଗାଇ ବିପୁଳ ମାତ୍ରାରେ ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ କରୁଥିବା ବେଳେ ଏବେ ଅତ୍ୟାଧୁନିକ ଶକ୍ତିଶାଳୀ ମେସିନ୍ ଲଗାଇ ନଦୀଗର୍ଭକୁ ତାଡ଼ି ବାଲି ଉତ୍ତୋଳନ କରିବାରେ ଲାଗିଛନ୍ତି । ଯାହାଫଳରେ ଏହି ବେଆଇନ ବାଲି ଉତ୍ତୋଳନ ଯୋଗୁ ନଦୀ ଶଯ୍ୟା ଅଧିକ ଗଭୀର ହେବା ସହିତ ବ୍ୟାପକ ଭାବେ ନଦୀର ଦୁଇକୂଳ କ୍ଷୟ ହେବ। ଏହାର ବିଶେଷ ପ୍ରଭାବ ପଡ଼ିବ ଏହି ଦୁଇନଦୀ ଉପରେ ଏହି ସ୍ଥାନରେ ନିର୍ମିତ ହେଉଥିବା ପୋଲ ଉପରେ। କାରଣ ଏହି ଡ୍ରେଜିଂ ମେସିନ୍ ନଦୀ ଗର୍ଭକୁ ଅତ୍ୟଧିକ ଖାଲ କରିଦେବା ଫଳରେ ଏହି ପୋଲର ପିଲାର କ୍ଷତିଗ୍ରସ୍ତ ହେବାର ସମ୍ଭବନା ସୃଷ୍ଟି ହୋଇଛି । ପୂର୍ବରୁ ଲୁଣାନଦୀର ନରହରିପୁର ଘାଟରୁ ନଦୀ ଗର୍ଭରୁ ବାଲି ତାଡ଼ିବା ଫଳରେ ତାର ଅପରପାର୍ଶ୍ୱ ଜଳପୋକ ପଞ୍ଚାୟତର ପକ୍ଷୋଟ ଗ୍ରାମ ନିକଟରେ ୪୦୦ ମିଟର ନଦୀ ବନ୍ଧ ୩୦ଫୁଟ ତଳକୁ ଧସିଯାଇଥିଲା। ସେତେବେଳେ ଲୁଣା-କରାଣ୍ଡିଆ ଦ୍ୱୀପଞ୍ଚଳବାସୀଙ୍କ ପାଇଁ ଆତଙ୍କର କାରଣ ସାଜିଥିଲା। ଏବେ ଏହି ଅତ୍ୟାଧୁନିକ ମେସିନ୍‌ରେ ବାଲି ଉତ୍ତୋଳନ କରିବା ଦ୍ୱାରା କରାଣ୍ଡିଆ ନଦୀର କୂଳସାହି ନିକଟରେ ବନ୍ଧ ନଷ୍ଟ ହୋଇ ଏକ ନୂତନ ନଦୀ ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତୁରନ୍ତ ନଦୀରୁ ବେଆଇନ ବାଲି ଉତ୍ତୋଳନ କାର୍ଯ୍ୟ ବନ୍ଦ ନହୁଏ ତେବେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ ମୁଣ୍ଡଟେକିବ ବୋଲି ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

## ବଇଣ୍ଡା ସୋସାଇଟିରେ ଚାଷୀଙ୍କ ଆନ୍ଦୋଳନ

ବଇଣ୍ଡା, ୧୮ ।୧(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡର ବିଭିନ୍ନ ସୋସାଇଟିରେ ଏବେ ଧାନ କଟନି ଛଟନିକୁ ନେଇ ବିବାଦ ଦେଖାଦେଇଛି। କୁଇଣ୍ଟାଲ ପିଛା ୫ କେଜି ଲେଖାଏ ଧାନ କାଟି ଦିଆଯାଉଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶନିବାର କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଲୁହାମୁଣ୍ଡା ସେବା ସମବାୟ ସମିତିରେ ମିଲର ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୫ କେଜି ଲେଖାଏଁ ଧାନ କାଟିବାକୁ କହିବାରୁ ଅସନ୍ତୋଷ ଦେଖାଦେଇଥିଲା। ଫଳରେ ଚାଷୀମାନେ ଧାନ ନେବାକୁ ଆସିଥିବା ଟ୍ରକକୁ ଅଟକାଇ ଆନ୍ଦୋଳନ କରିଥିଲେ। ଚାଷୀମାନେ କହିଥିଲେ ଯେ ଏହି ସୋସାଇଟିରେ ନୁନୁକାପଶି, ଗାଁବଇଣ୍ଡା, ଜାମୁନାଳି, କଣ୍ଟେଇକୋଳିଆ, ଲୁହାମୁଣ୍ଡା ଆଦି ପଞ୍ଚାୟତର ଶତାଧିକ ଚାଷୀ ଧାନବିକ୍ରି ପାଇଁ ପଞ୍ଜିକୃତ କରିଛନ୍ତି। ଏପରିକି ଏହି ଅଞ୍ଚଳରେ ଭଲ ଧାନ ଅମଳ ହୋଇଥିବା ବେଳେ ଗୁରୁବାରଠାରୁ ଚାଷୀମାନେ ଧାନ ଆଣି ସୋସାଇଟିରେ ରଖିବା ସହ ଦିନରାତି ମଣ୍ଡିରେ ଜଗି ରହିଛନ୍ତି। ଶନିବାର ଧାନ ଉଠାଣ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ମିଲର କୁଇଣ୍ଟାଲ ପିଛା ୫ କେଜି ଲେଖାଏଁ କାଟିବାକୁ କହିଥିଲେ। ଫଳରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଚାଷୀମାନେ ମିଲର ଆଣିଥିବା ଟ୍ରକକୁ ଅଟକାଇ ଆନ୍ଦୋଳନ କରିଥିଲେ। ଏ ପରିକି ଧାନକିଣାକୁ ବିରୋଧ କରିଥିଲେ। ଚାଷୀଙ୍କ ବିରୋଧ ଦେଖି ଘଟଣାସ୍ଥଳରୁ ମିଲର ପଳାଇଯାଇଥିଲେ। ଧାନ କଟନି ହେଲେ ଆଗାମୀ ଦିନରେ ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଚାଷୀ ଅରବିନ୍ଦ ସାହୁ, ପ୍ରବୀଣ ସାହୁ, ବ୍ୟୋମକେଶ ରାଉତ, ବଂଶୀଧର ସାହୁ, ଧର୍ମେନ୍ଦ୍ର ପ୍ରଧାନ, ସ୍ୱୟମ୍ବର ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, କରୁଣାସାଗର ପ୍ରଧାନ, ରମେଶଚନ୍ଦ୍ର ସାହୁ, ହେମନ୍ତ ବିଶ୍ୱାଳ, ନାରାୟଣ ପ୍ରଧାନ, ଅମିତ ସାହୁ, ସରୋଜ କୁମାର ପ୍ରଧାନ, ନିମାଇଁ ଚରଣ ସାହୁ, ଅଜିତ ପ୍ରଧାନ, ଦେବେନ୍ଦ୍ର ସାହୁ, ଗୋବର୍ଦ୍ଧନ ପ୍ରଧାନ ପ୍ରମୁଖ ଚେତାବନୀ ଦେଇଛନ୍ତି। ବଇଣ୍ଡାରେ ଆନ୍ଦୋଳନ ଖବର ପାଇଁ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ, ଅତିରିକ୍ତ ତହସିଲଦାର ସୁଜିତ ଭୋଇ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଧାନର ମାନକୁ ମେସିନ ସାହାଯ୍ୟରେ ଯାଞ୍ଚ କରିଥିଲେ। ଧାନ ଭଲଥିବା ଯାଞ୍ଚ ରିପୋର୍ଟ ଆସିବା ପରେ ବିନା କଟନିଛଟନିରେ ସମସ୍ତ ଧାନ ଉଠାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

**● ରାସ୍ତାରୋକ ଚେତାବନୀ**

## ଦେଶୀମଦ ଜବତ: ଜଣେ ଗିରଫ

ତାଳଚେରସଦର, ୧୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ପର୍ଜଙ୍ଗ ବ୍ଲକ ଜାମୁନାଳୀ ଅଞ୍ଚଳ ସନ୍ଥପଡ଼ା ବ୍ରିଜ୍ ନିକଟରୁ ଅବକାରୀ ବିଭାଗ ୯୦ ଲିଟର ଦେଶୀମଦ ଜବତ କରିଛି। ଦେଶୀମଦ କାରବାର ଅଭିଯୋଗରେ ରାମ କୁଲୁଡ଼ି (୨୮)ଙ୍କୁ ଗିରଫ କରାଯାଇଛି। ରାମ ଏକ ବାଇକରେ ମଦ ଧରି ତାଳଚେର ଆଡ଼କୁ ଆସୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଟିମ୍ ଚଢ଼ଉ କରିଥିଲା। ରାମଙ୍କ ବାଇକ ମଧ୍ୟ ଜବତ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ପୂର୍ତ୍ତ ବିଭାଗରେ ନୂତନ ଏସଡିଓ



ତାଳଚେରସଦର, ୧୮ ।୧(ସମିସ): ତାଳଚେର ପୂର୍ତ୍ତ ବିଭାଗରେ ଅମୂଲ୍ୟ କୁମାର ମଲ୍ଲିକ କିଛି ମାସ ଏସଡିଓ ଭାବେ କାର୍ଯ୍ୟ କରିବା ପରେ ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇ ଏଠାରେ ସୋରେନ କୁମାର ସାହୁଙ୍କୁ ଅବସ୍ଥାପିତ କରାଯାଇଛି। ସୋରେନ ଏହା ପୂର୍ବରୁ କଟକ ଡିଭିଜନରେ କାର୍ଯ୍ୟ କରୁଥିଲେ। ସେ ତାଳଚେରରେ ଯୋଗଦେବା ପରେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। ତାଳଚେରରେ ଅଟକି ରହିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଏହି ଅବସରରେ ସୋରେନ ଗଣମାଧ୍ୟମକୁ କହିଛନ୍ତି। ତାଳଚେର ଅଞ୍ଚଳରେ ରହିଥିବା ଅଧୁରା ଷ୍ଟାଡିୟମ, କୋଲ ମ୍ୟୁଜିୟମ, ଦ୍ୱିତୀୟ ବ୍ରାହ୍ମଣୀ ବ୍ରିଜ, ରାଣୀପାର୍କର ବିକାଶ ଆଦି କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି।

## କୁଟୁରିଆ ପ୍ରିମିଅର ଲିଗ୍; ସିଂହଡ଼ା ଚାମ୍ପିଅନ

ପରଜଙ୍ଗ, ୧୮ ।୧(ସମିସ): ପରଜଙ୍ଗ ନିର୍ବାଚନ ମଣ୍ଡଳୀ କଙ୍କଡ଼ାହାଡ଼ ବ୍ଲକ କୁଟୁରିଆ ଗ୍ରାମ କପିଳେଶ୍ୱର ମନ୍ଦିର ସମ୍ମୁଖ ଖେଳପଡ଼ିଆରେ ଏମବିସିସି କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ତିନିଦିନ ଧରି ଚାଲିଥିବା ୧୩ତମ କୁଟୁରିଆ ପ୍ରିମିଅର ଲିଗ୍ ଉଦଯାପିତ ହୋଇଛି। ତିନି ସେଟ୍ ବିଶିଷ୍ଟ ଫାଇନାଲ ଖେଳ ପରଜଙ୍ଗ କ୍ରିକେଟ କ୍ଲବ୍ ଓ ସିଂହଡ଼ା କ୍ରିକେଟ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିଂହଡ଼ା ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ୧୦ ଓଭର ବିଶିଷ୍ଟ ପ୍ରଥମ ମ୍ୟାଚରେ ସିଂହଡ଼ା ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ଜବାବରେ ପରଜଙ୍ଗ ଟିମ୍ ଆବଶ୍ୟକ ରନ ସଂଗ୍ରହ କରିପାରି ନ ଥିଲା। ଦ୍ୱିତୀୟ ମ୍ୟାଚ ୮ ଓଭର ବିଶିଷ୍ଟ ହୋଇଥିଲା। ସିଂହଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୯ ୱିକେଟ ହରାଇ ୯୭ ରନ ସଂଗ୍ରହ କରିଥିଲା। ପରଜଙ୍ଗ ଟିମ୍ ୮ ଓଭର ଶେଷ ସୁଦ୍ଧା ୩ ୱିକେଟ ହରାଇଥିଲେ ମଧ୍ୟ ଆବଶ୍ୟକ ରନ ସଂଗ୍ରହ କରିପାରି ନ ଥିଲା। ଉଦଯାପନୀ ଉତ୍ସବରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ପୁଅ ପୀୟୂଷ ପ୍ରଧାନ ମୁଖ୍ୟଅତିଥି ଓ ସିଲୁ, ଜୁଲୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ସୁଦର୍ଶନ ସାହୁ ଓ ଲିପୁ ବିଶ୍ୱାଳ ଖେଳ ପରିଚାଳନା କରିଥିବା ବେଳେ ପିଣ୍ଟୁ ଓ ରାକେଶ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ବୁନା ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ବୋଲର ପୁରସ୍କାର ସିଂହଡ଼ା ଟିମ୍ ସପକ୍ଷରେ ଯାଇଥିବା ବେଳେ ମ୍ୟାନ ଅଫ ଦି ସିରିଜ, ବେଷ୍ଟ ବ୍ୟାଟର ପରଜଙ୍ଗ ଦଳର ଖେଳାଳିଙ୍କୁ ମିଳିଥିଲା।



## ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଉଦ୍‌ଯାପିତ

ଭୁବନ, ୧୮ ।୧(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ମୀରାବାଇ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ୩ଦିନିଆ ରାଜ୍ୟସ୍ତରୀୟ ଲୋକକଳା ମହୋତ୍ସବ ଶନିବାର ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ଗୋବର୍ଦ୍ଧନ ପୀଠ ଆଦିତ୍ୟ ବାହିନୀ ଅଧ୍ୟକ୍ଷ ମାତୃପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଗାୟକ ସୁରେନ୍ଦ୍ର କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ. ଶାନ୍ତିଭୂଷଣ ପଣ୍ଡା, ଆଇନଜୀବୀ ନବକିଶୋର ଗୁରୁ, କଟକ ବାର୍ ଆସୋସିଏସନର ପୂର୍ବତନ ଉପସଭାପତି ବରିଷ୍ଠ ଆଇନଜୀବୀ ଅକ୍ଷୟ କୁମାର ସାହୁ, ଭୁବନ ବ୍ଲକ କଳାକାର ସଙ୍ଘ ସଭାପତି ଅଶୋକ କୁମାର ସାମଲ ପ୍ରମୁଖ ଯୋଗଦେଇଥିଲେ। ମୀରାବାଇ କଳାବିକାଶ କେନ୍ଦ୍ର ପ୍ରତିଷ୍ଠାତା ତଥା ସମ୍ପାଦକ ଭଗବାନ ଗୁରୁ ସଭାପତିତ୍ୱ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଭୁବନରେ କଳାକାର କାରଖାନା କରି ନିଜକୁ ଧନ୍ୟ ମନେ କରନ୍ତି ବୋଲି କହିଥିଲେ। ବିନୋଦ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଲୋକକଳା, ଘୁମୁରା ନୃତ୍ୟ, ଘୋଡ଼ାନାଚ, ଓଡ଼ିଶୀ ନୃତ୍ୟ, ଦାସକାଠିଆ, ପାଲା, ସମ୍ବଲପୁରୀ ନୃତ୍ୟ ଓ ଗୀତିନାଟ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ୬ ଜଣ କଳାକାର ସମେତ କାମାକ୍ଷାନଗର ଉପଖଣ୍ଡ ଓ ଭୁବନର ବରିଷ୍ଠ ସାମ୍ବାଦିକମାନଙ୍କୁ ଉପଢୌକନ, ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟଗୁରୁ ସୀମାଳିନୀ ଦାସ, ରତ୍ନପ୍ରଭା ଗୁରୁ ନୃତ୍ୟ ପରିବେଷଣରେ ସହଯୋଗ କରିଥିବା ବେଳେ କଳାକାର ଶାନ୍ତନୁ କୁମାର ଦାସ, ବ୍ରହ୍ମପ୍ରସାଦ ସାହୁ, ପଞ୍ଚାନନ ପ୍ରଧାନ, ହୃଷୀକେଶ ନାୟକ, ଦୀପକ ଗୁରୁ, ବୁଲା ସାହୁ, ପ୍ରମୋଦ ଗୁରୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଚଳନକୁ ବିରୋଧ

# ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପୋଡ଼ି




ଅନୁଗୋଳ, ୧୮ ।୧(ସମିସ):

ସ୍କୁଲ ସ୍ତରରେ ଜାତୀୟ ଶିକ୍ଷାନୀତି (ଏନଇପି)-୨୦୨୦ ପ୍ରଚଳନ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ଏଆଇଡିଏସଓ ଅନୁଗୋଳ ଜିଲ୍ଲା କମିଟି ତରଫରୁ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ପୋଡ଼ାଯାଇଛି। କେନ୍ଦ୍ର ସରକାର ୨୦୨୦ରେ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ଏକତରଫା ଭାବେ ଜାତୀୟ ଶିକ୍ଷାନୀତି-୨୦୨୦କୁ ପ୍ରଣୟନ କରି ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ, ସାମ୍ପ୍ରାୟୀକରଣ, କେନ୍ଦ୍ରୀକରଣ ଓ ଧନ୍ଦାମୁଖୀକରଣର ରାସ୍ତା ପ୍ରଶସ୍ତ କରିଛନ୍ତି। ରାଜ୍ୟ ସରକାର ଜାତୀୟ ଶିକ୍ଷାନୀତି ସୁପାରିସଗୁଡ଼ିକୁ ଗୋଟିଏ ପରେ ଗୋଟିଏ ଲାଗୁ କରିଚାଲିଛନ୍ତି। ପ୍ରଥମେ ସ୍କୁଲ ବନ୍ଦ ଓ ମିଶ୍ରଣ ନୀତି ଲାଗୁ କରି ଗରିବ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଡୋରି ବାନ୍ଧିବା ପରେ ବର୍ତ୍ତମାନ ପୂର୍ବ ପାଠ୍ୟକ୍ରମ ୧୦+୨+୩ ପରିବର୍ତ୍ତେ ତିନି ବର୍ଷର ପ୍ରାକ୍ ପ୍ରାଥମିକ ଶିକ୍ଷାକୁ ଯୁକ୍ତ କରି ୫+୩+୩+୪ ଲାଗୁ କରିବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ଜାରି କରିଛି। ଯୋଗ୍ୟତାସମ୍ପନ୍ନ ପ୍ରଶିକ୍ଷିତ ଶିକ୍ଷକ ଓ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ହାତରେ ପ୍ରାକ୍ ପ୍ରାଥମିକ ଶିକ୍ଷା (୩ ବର୍ଷ ଅଙ୍ଗନବାଡ଼ି/ପ୍ରାକ୍-ସ୍କୁଲ୍ ଶିକ୍ଷା+ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ) ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ଟେକିଦିଆଯିବ। ପ୍ରାକ୍ ପ୍ରାଥମିକ ଶିକ୍ଷା ନିମନ୍ତେ ଆର୍ଥିକ ଅନୁଦାନ ଯୋଗାଇଦେବା ସମ୍ପର୍କରେ ଯେହେତୁ ଜାତୀୟ ଶିକ୍ଷାନୀତିରେ ସ୍ପଷ୍ଟ ଭାବେ କୌଣସି ଉଲ୍ଲେଖ ନାହିଁ, ତେଣୁ ଏହି ତଥାକଥିତ ପ୍ରାକ୍ ପ୍ରାଥମିକ ଶିକ୍ଷା ନିୟନ୍ତ୍ରଣହୀନ ଭାବରେ ବ୍ୟବସାୟୀକରଣକୁ ପ୍ରୋତ୍ସାହନ କରିବ। ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ଶିକ୍ଷାର ମୂଳ ପର୍ଯ୍ୟାୟ କୌଣସି ବିଷୟବସ୍ତୁ (ପାଠ୍ୟପୁସ୍ତକ ନ ପଢ଼ି) ଖେଳକୁଦ, ନାଚଗୀତ, ଛବି ଉପରେ ପର୍ଯ୍ୟବସିତ ହେବ। (୩ ବର୍ଷ ଅଙ୍ଗନବାଡ଼ି ପ୍ରାକ୍-ସ୍କୁଲ୍ ଶିକ୍ଷା+ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ) ଏହା ଡିପିଇପି/ସର୍ବଶିକ୍ଷା ଅଭିଯାନ ଏବଂ ବର୍ତ୍ତମାନର ସମଗ୍ର ଶିକ୍ଷା ଅଭିଯାନର ଧାରାବାହିକତାରେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଢୁଥିବା ଲକ୍ଷ ଲକ୍ଷ ଶିଶୁମାନଙ୍କ ଉପରେ କାର୍ଯ୍ୟକାରୀ ହେବ। ଫଳରେ ଶିକ୍ଷାଦାନ ଓ ଶିକ୍ଷା ଆହରଣର ବିଜ୍ଞାନସମ୍ମତ ପ୍ରକ୍ରିୟା ଆହୁରି ଚରମ ବିପତ୍ତି ମଧ୍ୟକୁ ଠେଲି ହୋଇଯିବ। ଜାତୀୟ ଶିକ୍ଷାନୀତି ବ୍ୟାଖ୍ୟା ଅନୁଯାୟୀ ଶିକ୍ଷାର ପ୍ରାରମ୍ଭିକ ପର୍ଯ୍ୟାୟ (ତୃତୀୟ, ଚତୁର୍ଥ ଓ ପଞ୍ଚମ ଶ୍ରେଣୀ) ହାଲୁକା କିଛି ପାଠ୍ୟପୁସ୍ତକ ସହିତ ପରିଚୟ କରାଇବା ସହ ଖେଳକୁଦରେ ପର୍ଯ୍ୟବସିତ ହେବ। ଅର୍ଥାତ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ହାଲୁକା କିଛି ପାଠ୍ୟପୁସ୍ତକ ଅଥବା ବିନା ପାଠ୍ୟପୁସ୍ତକରେ ଶିକ୍ଷା ଆହରଣ କରିବେ। ଏହି ଶିକ୍ଷା ଖସଡ଼ାର ପରିବର୍ତ୍ତନ ବିତର୍କ ଘେରରେ ଥିବା ଏବଂ ଭାରତ ସମେତ ସମଗ୍ର ବିଶ୍ୱରେ ବିଫଳ ହୋଇଥିବା ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରାୟୋଜିତ ଡିଷ୍ଟ୍ରିକ୍ଟ ପ୍ରାଇମେରି ଏଜୁକେସନ ପ୍ରୋଗ୍ରାମ (ଡିପିଇପି)ର ଅଂଶବିଶେଷ ମାତ୍ର। ସମୟୋପଯୋଗୀ ପରୀକ୍ଷିତ ପାଠ୍ୟଖସଡ଼ା ଧ୍ୱଂସ ହେବା ସହ ପ୍ରାଥମିକ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେବ। ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ଶିକ୍ଷା ଆରମ୍ଭ କରାଯିବ। ଫଳରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚରିତ୍ର ଗଠନ, ମନୁଷ୍ୟତ୍ୱ ଅର୍ଜନ ପ୍ରକ୍ରିୟା ବାଧାପ୍ରାପ୍ତ ହେବାସହ ଛାତ୍ରଛାତ୍ରୀମାନେ କେବଳ ଯନ୍ତ୍ର ମାନବରେ ପରିଣତ ହେବେ। ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସିମେଷ୍ଟର ସିଷ୍ଟମ ଲାଗୁ କରାଯିବ। ଫଳରେ ଏହା ପୂର୍ଣ୍ଣାଙ୍ଗ ଶିକ୍ଷା ଅର୍ଜନ କ୍ଷେତ୍ରରେ ବାଧା ସୃଷ୍ଟି କରିବା ସହ ଶିକ୍ଷାର ବ୍ୟବସାୟୀକରଣକୁ ମଧ୍ୟ ପ୍ରୋତ୍ସାହିତ କରିବ। ତେଣୁ ଏନ୍ଇପି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଏଆଇଡିଏସ୍ଓ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ବିକ୍ଷୋଭରେ ଏଆଇଡିଏସ୍ଓ ଅନୁଗୋଳ ଜିଲ୍ଲା ସମ୍ପାଦକ ନାରାୟଣ ନାୟକ, ଉପସଭାପତି ସରୋଜିନୀ ବେହେରା, ସଂଗଠିକା ନିରୁପମା ନାୟକ, ଏଲିଶା ଶୁଭଦର୍ଶୀନୀଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**● ଏନ୍ଇପି ସମ୍ପୂର୍ଣ୍ଣ ବାତିଲ ଦାବିରେ ବିକ୍ଷୋଭ**

## କଙ୍କିଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍



ତାଳଚେରସଦର, ୧୮ ।୧(ସମିସ): ତାଳଚେର ବ୍ଲକ କଙ୍କିଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରି ଭିତ୍ତିଭୂମି ସମୀକ୍ଷା କରିଛନ୍ତି। ଏଥିରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମ୍ୟାନେଜର ଡା. ଦୀପକ ନାୟକ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ ବ୍ୟବସ୍ଥାଠାରୁ ଆରମ୍ଭ କରି ରୋଗୀସେବା, ଔଷଧ ବିତରଣ କେନ୍ଦ୍ର, ସମନ୍ୱିତ ପରୀକ୍ଷାଗାର, ଔଷଧୀୟ ଉଦ୍ୟାନ ଓ ବର୍ଜ୍ୟବସ୍ତୁ ନିଷ୍କାସନ ବ୍ୟବସ୍ଥା ଆଦିର ତଦାରଖ କରିଥିଲେ। ସମସ୍ତ କର୍ମଚାରୀଙ୍କ ସାକ୍ଷାତକାର ନେଇଥିଲେ। ଗୋଡ଼ିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟପ୍ରିୟ ସମ୍ବିତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଙ୍କିଳି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ। ଗତବର୍ଷ କାୟାକଳ୍ପ ଟିମ୍ ଏହି ଚିକିତ୍ସାଳୟରେ ତଦାରଖ କରି ଏହାକୁ ଏ ଗ୍ରେଡ୍ ମାନ୍ୟତା ପ୍ରଦାନ କରିଥିଲେ ବୋଲି ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଏହି ଟିମ୍ ସମସ୍ତ ତଦାରଖ ପରେ ସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି।

## ୫୭ ଜଣଙ୍କ ମାଗଣା ଚକ୍ଷୁ ଚିକିତ୍ସା

ହିନ୍ଦୋଳ, ୧୮ ।୧(ସମିସ): ହିନ୍ଦୋଳ ଉପଖଣ୍ଡ ରାସୋଳ ଗ୍ରାମ ଦେଉଳସାହିସ୍ଥିତ ଜନ ମଙ୍ଗଳ ସଂଗଠନ କାର୍ଯ୍ୟାଳୟରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଶ୍ରଦ୍ଧାଶକ୍ତି ସେବା ସଂସ୍ଥାନ ଜନମଙ୍ଗଳ ଓ ହିନ୍ଦୋଳ କଲ୍ୟାଣ ସଂଗଠନ ମିଳିତ ଆନୁକୂଲ୍ୟରେ କଟକ ଜେପିଏମ୍ ରୋଟାରୀ ଚକ୍ଷୁ ଚିକିତ୍ସାଳୟର ଚିକିତ୍ସକମାନଙ୍କ ଦ୍ୱାରା ଏହି ଶିବିର ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜନମଙ୍ଗଳ ସଂଗଠନର ଉପଦେଷ୍ଟା ରାସୋଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଭାରପ୍ରାପ୍ତ ଡାକ୍ତର ଶ୍ୱେତପଦ୍ମା ମିଶ୍ର ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ସଂଗଠନର ପ୍ରତିଷ୍ଠାତା ବିଭୁ ଶତପଥୀ, ସମ୍ପାଦକ ପ୍ରଦୀପ ନାୟକ ଓ ଶିବିର ପରିଚାଳକ ବିବେକାନନ୍ଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଶିବିରରେ ୫୭ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଇଛି।

## ବ୍ରାହ୍ମଣୀକୁ ପ୍ରଦୂଷିତ କରୁଛି ନର୍ଦ୍ଦମା ପାଣି

ତାଳଚେରସଦର, ୧୮ ।୧(ସମିସ): ନାଳ ନର୍ଦ୍ଦମାର ଦୂଷିତ ଜଳ ସହ କଳକାରଖାନାର ବର୍ଜ୍ୟବସ୍ତୁ ବ୍ରାହ୍ମଣୀ ନଦୀଜଳକୁ ଖରାପ କରିବାରେ ଲାଗିଛି। ଫଳରେ ବ୍ରାହ୍ମଣୀ ଜଳ ଏବେ ଜହର ପାଲଟିଲାଣି। ବ୍ରାହ୍ମଣୀ ଜଳର ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ତେବେ ଆଶ୍ଚର୍ଯ୍ୟର କଥା, ଖଣି କିମ୍ବା କଳକାରଖାନା ପାଇଁ ଏହି ନଦୀ ପ୍ରଦୂଷିତ ହେଉନି ବୋଲି ସରକାର କହିଛନ୍ତି। ବରଂ, ସହରାଞ୍ଚଳର ନର୍ଦ୍ଦମା ପାଣି ମିଶି ବ୍ରାହ୍ମଣୀ ପ୍ରଦୂଷିତ ହେଉଛି। ତାଳଚେର ଅବବାହିକାରେ ବ୍ରାହ୍ମଣୀ ନଦୀର ଜଳ ପରୀକ୍ଷଣରୁ ଏହା ଜଣାପଡ଼ିଥିବା ସରକାର ଏହି ସଫେଇ ଦେଇଛନ୍ତି।

ଅନୁଗୋଳ ଜିଲ୍ଲା ତାଳଚେର ଦେଇ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଛି। ଏହାର ପାଣିର ମାନକୁ ନେଇ ଅନେକ ସମୟରେ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ତାଳଚେର କୋଇଲା ଖଣି ଓ କଳକାରଖାନା ପାଖରେ ଏହି ନଦୀ ପ୍ରବାହିତ ହେଉଥିବା ବେଳେ ତାଳଚେର-ଢେଙ୍କାନାଳ ଶିଳ୍ପାଞ୍ଚଳ ସୀମା ଭିତରେ ବ୍ରାହ୍ମଣୀ ନଦୀ ଯାଇଛି। ଖଣିଖାଦାନ ଓ କଳକାରଖାନାର ବର୍ଜ୍ୟ ପାଣି ଏଥିରେ ମିଶୁଥିବାରୁ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଆସୁଛି। ଖଣିରୁ ବାହାରୁଥିବା ପାଣି ବିଭିନ୍ନ ବାଟ ଦେଇ ବ୍ରାହ୍ମଣୀରେ ପଶୁଛି। ଏପଟେ କଳକାରଖାନାରୁ ବାହାରୁଥିବା ଦୂଷିତ ଜଳକୁ ବିଭିନ୍ନ ନାଳ ଓ କେନାଲ ଦେଇ ବ୍ରାହ୍ମଣୀକୁ ଛଡ଼ାଯାଉଛି। ପାଣିରେ ବିଭିନ୍ନ ରାସାୟନିକ ପଦାର୍ଥ ମିଶୁଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇପାରୁନି। ମଣିଷ ଓ ଜୀବଜନ୍ତୁଙ୍କ ପାଇଁ ବ୍ରାହ୍ମଣୀ ଜଳ ବିପଦ ସୃଷ୍ଟି କରିଛି। କିନ୍ତୁ ଏହାକୁ ସ୍ୱୀକାର କରୁନାହାନ୍ତି ସରକାର। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, କୋଇଲା ଖଣି କଳକାରଖାନା ପାଇଁ ବ୍ରାହ୍ମଣୀ ଜଳ ପ୍ରଦୂଷିତ ହେଉନି। ଯଦିଓ ବ୍ରାହ୍ମଣୀର ଜଳ ପ୍ରଦୂଷିତ ବୋଲି ପରୀକ୍ଷାରୁ ଜଣାପଡ଼ିଛି ତେବେ ଏଥିପାଇଁ ଖଣିଖାଦାନକୁ ଦାୟୀ କରାଯାଇପାରିବ ନାହିଁ। କଳକାରଖାନାର ବି ବିଶେଷ ଭୁଲ ନାହିଁ। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ବ୍ରାହ୍ମଣୀ ନଦୀର ଜଳକୁ ଅନୁଗୋଳ ଜିଲ୍ଲାର ବିଭିନ୍ନ ସ୍ଥାନରେ ମାସିକ ଭିତ୍ତିରେ ପରୀକ୍ଷା କରାଯାଏ। ବ୍ରାହ୍ମଣୀ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି ପରୀକ୍ଷା ନିୟମିତ କରାଯାଉଥିଲା ବେଳେ ଉପରମୁଣ୍ଡରେ ସହରାଞ୍ଚଳର ଦୂଷିତ ପାଣି ଓ ନର୍ଦ୍ଦମା ଜଳ ମିଶୁଥିବାରୁ ବ୍ରାହ୍ମଣୀ ଜଳ ପ୍ରଦୂଷିତ ହେଉଛି ଓ ବ୍ରାହ୍ମଣୀ ଜଳରେ ବିଡିଓ ଟିସିର ମାତ୍ରା ନିର୍ଦ୍ଧାରିତ ମାନଠାରୁ ଅଧିକ ରହୁଛି। ଏପଟେ ତାଳଚେରର କୋଇଲା ଖଣିରୁ ବାହାରୁଥିବା ଜଳକୁ ବିଶୋଧନ କରାଯାଇ ବାହାରକୁ ଛଡ଼ାଯାଉଛି। ଏହି ଜଳର ଗୁଣବତ୍ତା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଧାରିତ ମାନ ମଧ୍ୟରେ ସୀମିତ ରହୁଛି। ଏଣୁ ଖଣି ପାଇଁ ବ୍ରାହ୍ମଣୀ ଜଳ ପ୍ରଦୂଷଣ ହେଉନି ବୋଲି ମନ୍ତ୍ରୀ କହିଛନ୍ତି। ଏପଟେ ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସରକାର କଠୋର ପଦକ୍ଷେପ ନେଉଥିବା ସେ କହିଛନ୍ତି। ନଦୀକୁ ପାଣି ଛାଡ଼ିବା ପୂର୍ବରୁ ସମସ୍ତ ଶିଳ୍ପ ଓ ପୌରସଂସ୍ଥା ବର୍ଜ୍ୟଜଳ ବିଶୋଧନ ନିମନ୍ତେ ଇଟିପି ଓ ଏସ୍‌ଟିପି ସ୍ଥାପନ କରିବାକୁ ସର୍ତ୍ତ ରଖାଯାଇଛି। ସର୍ତ୍ତ ଖିଲାପ କଲେ ସମ୍ପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି।



### ଜିନ୍ଦଲ ପ୍ରିମିୟର ଲିଗ ଉଦଯାପିତ

# ଏକ୍ସଷ୍ଟ୍ରିମ ଏସଏମଏସ ଇଣ୍ଡିଆ ଚାମ୍ପିଅନ

ଅନୁଗୋଳ, ୧୮ ।୧(ସମିସ):

ଅନୁଗୋଳ ଜିନ୍ଦଲ ନଗରରେ ଚାଲିଥିବା ଜିନ୍ଦଲ ପ୍ରିମିୟର ଲିଗ-୨୦୨୪-୨୫ ଶୁକ୍ରବାର ଉଦଯାପିତ ହୋଇଛି। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ପ୍ରତିଭାବାନ ଖେଳାଳିଙ୍କୁ ନେଇ ଜେଏସପି ଅନୁଗୋଳର ମାନବ ସମ୍ବଳ ବିଭାଗ ପକ୍ଷରୁ ଡିସେମ୍ବର ୭ରୁ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଥିଲା। ଏଥିରେ ୩ଟି ବର୍ଗରେ ଜେଏସପି ଜେଣ୍ଟ୍ସ, ଜେଏସପି ଲେଡିଜ୍ ଏବଂ ଜେଏସପି ସ୍କୁଲ ଟିମ ଭାଗ ନେଇଥିଲେ। ଜେଏସପି ଜେଣ୍ଟସ୍ ବର୍ଗରେ ୫୪ ଦଳ ଭାଗ ନେଇଥିଲେ। ବିଭିନ୍ନ ବିଭାଗ ଓ ଭେଣ୍ଡରମାନଙ୍କୁ ନେଇ ଗଠିତ ଏହିସବୁ ଦଳ ୧୦ ଓଭର ବିଶିଷ୍ଟ ୫୪ଟି ମ୍ୟାଚ୍ ଖେଳିଥିଲେ। ଏକ୍ସଷ୍ଟ୍ରିମ ଏସଏମଏସ ଇଣ୍ଡିଆ ଦଳ ଏବଂ ସିଏଚପି ସ୍ମାସର୍ସ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହୋଇଥିଲା। ଏକ୍ସଷ୍ଟ୍ରିମ ଏସଏମଏସ ଇଣ୍ଡିଆ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଏକ୍ସଷ୍ଟ୍ରିମ ଏସଏମଏସ ଇଣ୍ଡିଆ ପ୍ରଥମେ ଫିଲ୍ଡିଂ କରିଥିଲା। ସିଏଚପି ସ୍ମାସର୍ସ ଦଳ ବ୍ୟାଟିଂ କରି ୧୨୧ ରନ ବିଜୟ ଲକ୍ଷ୍ୟ ରଖିଥିଲା। ଏକ୍ସଷ୍ଟ୍ରିମ ଏସଏମଏସ ଇଣ୍ଡିଆ ଦଳ ୯ ଓଭରରେ ୫ ୱିକେଟ ହରାଇ ଏହାକୁ ହାସଲ କରି ନେଇଥିଲା। ଏକ୍ସଷ୍ଟ୍ରିମ ଏସଏମଏସ ଇଣ୍ଡିଆର ଲୁନାଙ୍କୁ ମ୍ୟାନ ଅଫ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ସେ ୬ ୱିକେଟ ସହ ୨୧୩ ରନ ସଂଗ୍ରହ କରିଥିବାରୁ ତାଙ୍କୁ ବେଷ୍ଟ ବ୍ୟାଟର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। ସେହିପରି ଫାଇନାଲ ମ୍ୟାଚରେ ୧୨ ବଲରେ ୩୮ ରନ ସଂଗ୍ରହ କରିଥିବା ଚିନ୍ମୟ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୬ ମ୍ୟାଚରେ ୧୧ ୱିକେଟ ନେଇଥିବା ମରିୟାପ୍ପାନଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। ବିଜୟୀ ଦଳର ଅଧିନାୟକ ଦେବେଶ ଦୀପକ ଏବଂ ରନର୍ସ ଅପ ଦଳର ଅଧିନାୟକ ତନ୍ମୟ ପ୍ରଧାନ ଉଚ୍ଚସ୍ତରୀୟ ନେତୃତ୍ୱ ପ୍ରଦାନ କରିଥିଲେ। ଜେଏସପି ଲେଡିଜ୍ ବର୍ଗରେ ୪ ଦଳ ଭାଗ ନେଇଥିଲେ। ଏଥିରେ ଜେକ୍ୟୁଏଲସି କ୍ଲବକୁ ପରାସ୍ତ କରି ଜେକ୍ୟୁଏସଏଫଏସଏସ ଦଳ ଚାମ୍ପିଅନ ହୋଇଛି। ସ୍କୁଲ ଟିମ ବର୍ଗରେ ଓପି ଜିନ୍ଦଲ ସ୍କୁଲ ଏକାଦଶ, ସାବିତ୍ରୀ ଜିନ୍ଦଲ ଡିଏଭି ସ୍କୁଲକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଦିଲୀପ ସିହ୍ନା ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସଏମଏସ ଅଧ୍ୟକ୍ଷ ଅତୁଲ ଦୁବେ, ଏଭିବି-ଏସଏମଏସ ଶ୍ରୀକାନ୍ତ ଆତ୍ରେ, ଜିଏମ-ବିଏଚଆର ଶରତ କିଶୋର ପଣ୍ଡା, ଜିଏମ ସେଫ୍ଟି ରାଜୀବ ସୋନି ପ୍ରମୁଖ ପୁରସ୍କାର ବିତରଣ ଉତ୍ସବରେ ସାମିଲ ହୋଇଥିଲେ।




ଏନଟୀପୀସୀ NTPC

**ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

**ନୋଟିସ୍**

**ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩**
**କରପୋରେଟ୍ ପରିଚୟ ନଂ- L40101DL1975GOI007966**

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ଠାରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ମୁଜାଫରପୁର **ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ)**ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

**୧) ଉତ୍ପାଦକ ଷ୍ଟେସନର ଲାଭାର୍ଥୀ :**
କ) ବିହାର ରାଜ୍ୟ ପାୱାର ହୋଲ୍ଡିଂ କମ୍ପାନୀ ଲିମିଟେଡ୍ (ବିଏସପିଏଚସିଏଲ), ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା- ୮୦୦୦୨୧
ଖ) ନର୍ଥ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଗ) ସାଉଥ୍ ବିହାର ପାୱାର ଡିଷ୍ଟ୍ରିବ୍ୟୁସନ କମ୍ପାନୀ ଲିମିଟେଡ, ପ୍ରଥମ ତଳ, ବିଦ୍ୟୁତ ଭବନ, ବେଲି ରୋଡ୍, ପାଟନା-୮୦୦୦୨୧
ଘ) ଝାଡ଼ଖଣ୍ଡ ବିଜୁଳି ବିତରଣ ନିଗମ ଲିମିଟେଡ, ଇଞ୍ଜିନିୟରିଂ ବିଲ୍ଡିଂ, ଏଚଇସି ଟାଉନସିପ, ଧୁର୍ବା, ରାଞ୍ଚି - ୮୩୪୦୦୪
ଙ) ଗ୍ରିଡକୋ ଲିମିଟେଡ, ଜନପଥ, ଭୁବନେଶ୍ୱର - ୭୫୧୦୨୨
ଚ) ପଶ୍ଚିମବଙ୍ଗ ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ, ବିଦ୍ୟୁତ ଭବନ, ବିଧାନ ନଗର, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଛ) ବିଜୁଳି ବିଭାଗ, ସିକ୍କିମ ସରକାର, କାଜି ରୋଡ, ଗାଙ୍ଗଟକ, ସିକିମ-୭୩୭୧୦୧
ଜ) ଦାମୋଦର ଭ୍ୟାଲି କର୍ପୋରେସନ୍ (ଡିଭିସି), ଡିଭିସି ଟାୱାର୍ସ, କୋଲକାତା, ପଶ୍ଚିମବଙ୍ଗ- ୭୦୦୦୫୪

୨. ଷ୍ଟେସନର ଉତ୍ପାଦନ କ୍ଷମତା : ୩୯୦ ମେଗାୱାଟ
୩. ପରିଯୋଜନାର ଅନୁମୋଦିତ ପୁଞ୍ଜି ମୂଲ୍ୟ: ଟ.୩୮୦୩.୨୨ କୋଟି
୪. ପ୍ରାଧିକରଣ ଯାହାର ପୁଞ୍ଜି ମୂଲ୍ୟକୁ ଅନୁମୋଦିତ କରିଛି : ସିଇଆରସି
୫. ବାଣିଜ୍ୟିକ ପ୍ରଚାଳନର ନିର୍ଦ୍ଧାରିତ ତିଥି: ପ୍ରଯୁଜ୍ୟ ନୁହେଁ
୬. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ବାସ୍ତବିକ ତିଥି: ୦୧.୦୭.୨୦୧୭
୭. ଷ୍ଟେସନର ବାଣିଜ୍ୟିକ ପ୍ରଚାଳନର ତିଥିର ପୁଞ୍ଜି ମୂଲ୍ୟ: ପ୍ରଯୁଜ୍ୟ ନୁହେଁ
୮. ଟାରିଫର ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଉଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 72758.24 | 72435.16 | 73748.57 | 75948.20 | 78159.62 | 80910.38 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 2.948 | 3.001 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ ମୁଜାଫରପୁର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୨ (୨X୧୯୫ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।

୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନ ର ଏକ କପି ଏନଟିପିସିର ୱେବସାଇଟ **www.ntpc.co.in** ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।

୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଥାଏ ତେବେ ଏହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଶାନ୍ତ ଚତୁର୍ବେଦୀ)
ତାରିଖ: ୦୩.୧୨.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟା

# ‘ଆତ୍ମବିଶ୍ୱାସ ହିଁ ମଣିଷକୁ ଆଗକୁ ନେଇଥାଏ’

ଜଗତସିଂହପୁର, ୧୮।୧(ସମିସ):




ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଜଗତସିଂହପୁର ପୁସ୍ତକ ମେଳାର ଆଜି ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଅବସରରେ ଆୟୋଜିତ ସଭାରେ ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ଆଜିର ଆସରର ବିଷୟ ବସ୍ତୁ ଥିଲା ‘ବିଦ୍ୟାଳୟ ଶିକ୍ଷାର ବର୍ତ୍ତମାନ ରୂପରେଖ ଏକ ଅନୁଚିନ୍ତନ’। ସମ୍ମାନନୀୟ ଅତିଥି ଭାବେ ପାରାଦୀପର ଅତିରିକ୍ତ ଜିଲ୍ଲାପାଳ ଡ.ନିରଞ୍ଜନ ବେହେରା ଯୋଗ ଦେଇ ଭବିଷ୍ୟତରେ ପ୍ରଚଳନ ହେବାକୁ ଯାଉଥିବା ଜାତୀୟ ଶିକ୍ଷାନୀତି ବିଷୟରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି କବି ଓ ଲେଖକ ଡ.ଶକ୍ତି ମହାନ୍ତି କହିଥିଲେ ଯେ ଆଜିର ଛାତ୍ର ଭିନ୍ନମତ ପୋଷଣ କରିବାର ସାହାସ ରଖିବା ଉଚିତ୍। ନିଜସ୍ୱ ମତ ପ୍ରକାଶ କରିପାରୁଥିବା ଛାତ୍ରଟିଏ କେବେ ବି ଜୀବନରେ ହାରେ ନାହିଁ। ଅଧିକାର ସହିତ ପିଲାମାନଙ୍କୁ ନିଜର କର୍ତ୍ତବ୍ୟ ବିଷୟରେ ଜାଣିବା ଅଧିକ ଜରୁରୀ। ସର୍ଜନାତ୍ମକ ଶିକ୍ଷା ହୃଦୟର ଭୋକ ମେଣ୍ଟାଇଥାଏ। ସମ୍ମାନନୀୟ ଅତିଥି ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଡ.ଚିତ୍ତରଞ୍ଜନ ବେହେରା କହିଲେ ବିଦ୍ୟା ହିଁ ମୁକ୍ତି ପ୍ରଦାନ କରିଥାଏ। ବର୍ତ୍ତମାନ ସମୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ। ଏଭଳି ବିପର୍ଯ୍ୟୟ ଭିତରେ ଗୁଣାତ୍ମକ ଶିକ୍ଷାଦାନ ଆଶା କରିବା ବୃଥା। ଆସରର ଅନ୍ୟତମ ସମ୍ମାନନୀୟ ଅତିଥି ସୋଆ ବିଶ୍ୱବିଦ୍ୟାଳୟର ଡିନ୍, ଛାତ୍ର ମଙ୍ଗଳ ପ୍ରଫେସର୍ ଡ. ଜ୍ୟୋତି ରଞ୍ଜନ ଦାସ କହିଥିଲେ ଯାହାର ବିଦ୍ୟାଳୟ ଶିକ୍ଷା ସଶକ୍ତ ତାର ଜୀବନରେ ହାରିବାର ସମ୍ଭାବନା କମ୍ ଥାଏ। ମଣିଷର ଆତ୍ମବିଶ୍ୱାସ ହିଁ ମଣିଷକୁ ଆଗକୁ ନେବାରେ ସହାୟକ ହୋଇଥାଏ। ସମ୍ମାନନୀୟ ଅତିଥି ବିଶିଷ୍ଟ ପ୍ରାବନ୍ଧିକ ଡ.ବେଣୁଧର ପାଢ଼ୀ ଏହି ଅବସରରେ କହିଥିଲେ ଭାରତବର୍ଷର ଶିକ୍ଷା ବ୍ୟବସ୍ଥା ଅତି ପ୍ରାଚୀନ ଓ ସମ୍ଭ୍ରାନ୍ତ। ପ୍ରାରମ୍ଭରେ ପଣ୍ଡିତ ରବୀନ୍ଦ୍ର ନାଥ ମିଶ୍ର ବେଦପାଠ କରିଥିବା ବେଳେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ କରିଥିଲେ। ଏହି ଅବସରରେ ନାଟ୍ୟକାର ଡଃ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ଗଳ୍ପ ପୁସ୍ତକ‘ଗାନ୍ଧୀ ମଣିଷ’ ଓ ଡା.ପି.କେ.ମହାନ୍ତିଙ୍କ ଗଳ୍ପ ପୁସ୍ତକ‘ଜୀବନର ପଥେ ପଥେ’ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଅତିଥି ମାନଙ୍କୁ ଉତ୍ତରୀୟ ଓ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ପରିଶେଷରେ ପରିଷଦର କାର୍ଯ୍ୟକାରିଣୀ ସଦସ୍ୟ ସରୋଜକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ବିଜୟଲକ୍ଷ୍ମୀ ମହାପାତ୍ରଙ୍କ ଶିଶୁ ସାହିତ୍ୟ ପତ୍ରିକା ‘ସୁନାଭଉଣୀ’ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଥିବା ବେଳେ ଅପରାହ୍ନରେ ମହିମା କଲେଜ୍ ଅଫ୍ ନର୍ସିଂ, ଜଗତସିଂହପୁର ପ୍ରାୟୋଜିତ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତସିଂହପୁର ତହସିଲଦାର୍ ତାରିଣୀ ରଞ୍ଜନ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ପ୍ରତିଚି ତନୟା ମହାନ୍ତି, ମହିମା କଲେଜ୍ ଅଫ୍ ନର୍ସିଂର ଅଧ୍ୟକ୍ଷା ଖୁଲଣା କୁମାରୀ ଦେଇ, ସାମାଜିକ କର୍ମୀ ତଥା ପରିବେଶବିତ୍ ପ୍ରଦୀପ୍ତ କୁମାର ମିତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କୁଇଜ୍ କାର୍ଯ୍ୟକ୍ରମକୁ କୁଇଜ୍ ମାଷ୍ଟର୍ ପ୍ରଦୀପ୍ତ କିଶୋର ଚୌଧୁରୀ ପରିଚାଳନା କରିଥିବା ବେଳେ ମନୋଜ ମହାପାତ୍ର, ଦୁର୍ଯ୍ୟୋଧନ ମହାରଣା, ପ୍ରିୟବ୍ରତ ସାହୁ ଓ ଅଭିନାଶ ସ୍ୱାଇଁ ସହଯୋଗ କରିଥିଲେ। ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ, ସମ୍ପାଦକ ସାରଦା ପ୍ରସାଦ ଦାସ, ଉପାଧ୍ୟକ୍ଷ ଗଣେଶ୍ୱର ମାଣିଆ, ଯୁଗ୍ମ ସମ୍ପାଦକ ନରେଶ ଦାସ, ଯୁଗ୍ମ ସମ୍ପାଦକ ଡ଼ ସୁଧୀର କୁମାର ମହାନ୍ତି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର, ସଦସ୍ୟ ଡ଼ ପ୍ରଦୀପ କୁମାର ଶତପଥୀ, ମନୋଜ ଦାଶ, ମାନସ କୁମାର କାନୁନଗୋ, ମନୋଜ ମହାପାତ୍ର, ନିବେଦିତା ମହାନ୍ତି, ଅବନୀକାନ୍ତ ମହାରଣା, ଅମ୍ବିକା ପ୍ରସନ୍ନ ମହାନ୍ତି, ଲାଲା ସଂଗ୍ରାମ କେଶରୀ ରାୟ, କୃଷ୍ଣଚନ୍ଦ୍ର ପ୍ରଧାନ, ପରିକ୍ଷିତ ପାଢ଼ୀ, ପ୍ରିୟବ୍ରତ ଦାସ, ଅଭିନାଶ ସ୍ୱାଇଁ, ଗୋପାଳକୃଷ୍ଣ ମିଶ୍ର, ଦେବଶ୍ରୀ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ବିରିଡି ଛକ ଇଲେକ୍ଟ୍ରି ଓ ମୋବାଇଲ ଦୋକାନରୁ ଚୋରି

ବିରିଡି, ୧୮।୧(ସମିସ): ବିରିଡି ଥାନା ଅନ୍ତର୍ଗତ ବିରିଡି ଛକରେ ଥିବା ଶୁଭେନ୍ଦୁ ମହାନ୍ତିଙ୍କ ଇଲେକ୍ଟ୍ରି ଓ ମୋବାଇଲ ଦୋକାନରୁ ଚୋରିଯାଇଥିବା ନେଇ ଥାନାରେ ଅଭିଯୋଗ କରାଯାଇଛି। ଶୁକ୍ରବାରଦିନ ବିଳମ୍ବିତ ରାତିରେ ଏହି ଚୋରି ହୋଇଥିବାବେଳେ କେହି ଦୁର୍ବୃତ୍ତ ଛାତଉପରକୁ ଯାଇ ଛାତ ସିଡି ଗ୍ରିଲ୍ ଓ ତାଲା ଭାଙ୍ଗି ଦୋକାନଭିତରେ ପଶି ଦୋକାନରେ ଥିବା ନଗଦ ୧୦ହଜାର ଟଙ୍କା, ଲାପଟପ (୧)ଟି, ଲାପଟପ ଚାର୍ଜର ସମେତ ସାମସଙ୍ଗ ମୋବାଇଲ(୬)ଟି, ଲାଭା ମୋବାଇଲ ୧୦ଟା, ପାୱାର ବ୍ୟାଙ୍କ ୧୫ଟା ଏବଂ ବିଭିନ୍ନ ଦାମୀ ଜିନିଷ ଲୁଟିନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅଭିଯୋଗ ପାଇ ବିରିଡି ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିବାବେଳେ ବଜାରର ବିଭିନ୍ନ ସ୍ଥାନରେ ଥିବା ସିସି କ୍ୟାମେରା ଯାଞ୍ଚ କରୁଥିବା ଦେଖାଯାଇଛି। ସୂଚନା ଅନୁଯାୟୀ ଦୋକାନୀ ମାଲିକ ଶୁଭେନ୍ଦୁ ମହାନ୍ତି ଗତକାଲି ରାତି ପ୍ରାୟ ୧୦ଟା ସୁଦ୍ଧା ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ଚୋରି କରିନେଇଛନ୍ତି। ସୂଚନା ଯୋଗ୍ୟଯେ ଗତ ସପ୍ତାହରେ ଚାନ୍ଦପୁର ଛକ ଗଗନ ନାଥଙ୍କ ଦୋକାନରୁ ଚୋରି ଘଟଣା ଲୋକଙ୍କ ମନରୁ ଲିଭିନଥିବାବେଳେ ଗତକାଲି ରାତିରେ ବିରିଡି ଛକ ଶୁଭେନ୍ଦୁ ମହାନ୍ତିଙ୍କ ଦୋକାନରୁ ଚୋରି ବିରିଡି ପୁଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଏହି କିଛିମାସ ହେବ ବିରିଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରୁ ଚୋରି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୁଲିସକୁ ସେଭଳି ସଫଳତା ମିଳିନାହିଁ ଯାହା ସମସ୍ତଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

## ମଙ୍ଗୁଳି ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

ବିରିଡି, ୧୮।୧(ସମିସ): ବିରିଡି ବ୍ଲକ ମଙ୍ଗୁଳି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମବାୟ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି ରବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଙ୍ଗୁଳି, ବାସନ୍ଦରା, ଉକୁନ୍ଦରା ଗ୍ରାମପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇଥିଲେ। ଏଥିରେ ଅତିଥି ଭାବେ କଟକ କେନ୍ଦ୍ର ସମବାୟ ସମିତି ବିରିଡି ବ୍ୟାଙ୍କ ଶାଖା ପରିଚାଳକ ଭରତ କୁମାର ଶତପଥୀ, ମଙ୍ଗୁଳି ପଞ୍ଚାୟତ ସରପଞ୍ଚ ନିରଞ୍ଜନ ସେଠୀ, ସମିତି ଉପସଭାପତି କବିତା ଜେନା ଯୋଗଦେଇଥିଲେ। ପ୍ରାରମ୍ଭରେ ସମବାୟ ସମିତିର ସମ୍ପାଦକ ବିଜୟ ପ୍ରଶନ୍ନ ଦାସ ବାର୍ଷିକ ବିବରଣୀ ଉପସ୍ଥାପନ କରିବା ସହ ସମିତିର ଆୟ ବ୍ୟୟର ହିସାବ ରଖିଥିଲେ। ଏଥିସହିତ ଚଳିତ ବର୍ଷ ଧାନମଣ୍ଡିର ସ୍ଥିତି ଏହାର ସୁପରିଚାଳନା ଦିଗ ଉପରେ ମଧ୍ୟ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ୮୦୨ ଜଣ ସଭ୍ୟ ନୂତନଭାବେ ଖୋଲାଯାଇଥିବା ବାସନ୍ଦରା ସମବାୟ ସମିତିକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ଦେଇଥିଲେ। ଏହି ଅବସରରେ କିପରି ଧାନ ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ ଦିଆଯାଇପାରିବା ସେଥିପ୍ରତି ଦୃଷ୍ଟି ଦେବାକୁ ଉପସ୍ଥିତ ଚାଷୀ ମାନେ ଅନୁରୋଧ କାରିଥିଲେ। ଏଥିରେ ଶ୍ୟାମସୁନ୍ଦର ପାଇକରାୟ, ଶିବପ୍ରସାଦ ଜେନା, ବିଜୟ ଦାସ, କାର୍ତ୍ତିକ ପ୍ରଧାନ, ଭରତ ସାହୁ, ସୁବାସ ନାୟକ, ସରୋଜ ଜେନା, ନାରାୟଣ ମହାପାତ୍ର, ରଞ୍ଜିତ ପାତ୍ର, ବିଜୟ ପରିଜା ପ୍ରମୁଖ ଅଗ୍ରଣୀ ଚାଷୀ ଯୋଗଦେଇଥିବାବେଳେ କବିତା ଜେନା ଧନ୍ୟବାଦ ଦେଇଥିଲେ।

## ମକରମେଳାରୁ ଚାଇଲ୍ଡ ଲାଇନ୍ ଦ୍ୱାରା ଶିଶୁଶ୍ରମିକ ଉଦ୍ଧାର

ଜଗତସିଂହପୁର, ୧୮।୧(ସମିସ): ଜଗତସିଂହପୁର ସହରର ହାଟବଜାରଠାରେ ଗତ ୧୪ ତାରିଖରୁ ଆରମ୍ଭ ହୋଇଥିବା ମକରମେଳା ପରିସରରୁ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତାଙ୍କ ଦ୍ୱାରା ଜଣେ ଶିଶୁଶ୍ରମିକ ଉଦ୍ଧାର ହୋଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁ ଚରଣ ରାଉତଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ମକର ମେଳା ଆରମ୍ଭ ଦିନ ବିଭାଗ ତରଫରୁ ଶିଶୁଶ୍ରମିକ ଆଇନ ସମ୍ପର୍କରେ ମେଳା ପରିସରରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ତେବେ ଶନିବାର ଦିନ ଚାଇଲ୍ଡ ଲାଇନ୍ କର୍ମକର୍ତ୍ତା ରାକେଶ ସାହୁ ଅନ୍ୟମାନଙ୍କ ସହାୟତାରେ ଚେକିଂ କରୁଥିବା ବେଳେ ଏକ ଷ୍ଟେସନାରୀ ଦୋକାନରୁ ଗଞ୍ଜାମ ଅଞ୍ଚଳର ଜଣେ ଶିଶୁଶ୍ରମିକକୁ ଉଦ୍ଧାର କରିଥିଲା। ରାତି ହୋଇଯାଇଥିବାରୁ ଶିଶୁଟିକୁ ଶିଶୁଆଶ୍ରମରେ ରଖାଯାଇଛି। ରବିବାର ଦିନ ତାକୁ ସି, ଡବ୍ଲୁ, ସି.ନିକଟରେ ହାଜର କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ରାଉତ ସୂଚନା ଦେଇଛନ୍ତି। ଆଗକୁ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ବୋଲି ସେ ପ୍ରକାଶ କରିଛନ୍ତି।

## ମରିଚପୁର ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ

ବାଲିକୁଦା, ୧୮।୧(ସମିସ): ବାଲିକୁଦା ବ୍ଲକ ଅର୍ନ୍ତଗତ ବରମୁଣ୍ଡଳୀ ପଞ୍ଚାୟତ ମରିଚପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଓ ଶିକ୍ଷକ ସନ୍ତୋଷ କୁମାର ବିଶ୍ୱାଳଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଲିକୁଦା ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି, ସମ୍ମାନିତ ଅତିଥିଭାବେ ଆଲୁମିନ କମିଟି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ ସ୍ୱାଇଁ ଯୋଗ ଦେଇ



କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ବାର୍ଷିକ କ୍ରୀଡାରେ ବରିଷ୍ଠ ଓ କନିଷ୍ଠ ବିଭାଗକୁ ନେଇ ପୃଥକ ଭାବେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଜଟାଧାରୀ ସ୍ୱାଇଁ କ୍ରୀଡା ଛାତ୍ରଛାତ୍ରୀଙ୍କ ଜୀବନରେ ନିତ୍ୟନ୍ତ ଆବଶ୍ୟକବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଧାନ ଶିକ୍ଷକ ଈଶ୍ୱର ସେଠୀ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଅଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ଧ୍ୱଜା ଅବତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବିଦ୍ୟାଳୟର ବରିଷ୍ଠ କିରାଣୀ ଅଶୋକ କୁମାର ମହାନ୍ତି, ଜଗନ୍ନାଥ ସାମଲ, ମଣ୍ଟୁ ବେହେରା, ଶୁଭ ନାରାୟଣ ବେହେରା, ମୋନାଲିସା ସାହୁ, ନୀଳିମା ପତି, ଅନୁପମା ସିଂ, ପ୍ରିୟବ୍ରତ ସେନାପତି, କବିନ ଦାସ, କ୍ଷୀତିଶ ଧାରୁଆ, ସୁମନ୍ତ ସ୍ୱାଇଁ, ସୁନାକାର ସ୍ୱାଇଁ, ଦାମୋଦର ଦାସ, ଆଲୋକ ବାରିକ, ଜଟାଧାରୀ ନନ୍ଦ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ।

## ତିର୍ତ୍ତୋଲରେ ଧାନମଣ୍ଡି ଉଦ୍‌ଘାଟିତ

ତିର୍ତ୍ତୋଲ, ୧୮।୧(ସମିସ): ତିର୍ତ୍ତୋଲ କୁମାର ଉତ୍ସବ ସମିତି ପରିସର ଜୟପ୍ରକାଶ ମଇଦାନରେ ଆଜି ତିର୍ତ୍ତୋଲ କୃଷି ସମବାୟ ସମିତିର ନୂତନ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛ। ଏହି ଉପଲକ୍ଷେ ସମିତି ପରିଚାଳନା ପରିଷଦ ସଭାପତି ସୁଶାନ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଜଡତିରା ପଞ୍ଚାୟତ ସରପଞ୍ଚ ଶିବ ପ୍ରସାଦ ସାହୁ, ତିର୍ତ୍ତୋଲ ସମିତି ସଭ୍ୟ ପ୍ରବୀର ରାୟ, ମଣ୍ଡି ନେଡ଼ାଲ ଅଧିକାରୀ ସତ୍ୟଜିତ୍ ସାହୁ, ସିଡିପିଓଙ୍କ ପ୍ରତିନିଧି ପ୍ରିୟଙ୍କା ପଟ୍ଟନାୟକ, ସମାଜସେବୀ ସାଗର ଦାସ, ପୂର୍ବତନ ସିସିବି ବ୍ୟାଙ୍କ୍ ପରିଚାଳକ ଫକିର ଚରଣ ସ୍ୱାଇଁ, ଆରଏମସିର ଅଧିକାରୀ ସୁଜିତ ପଣ୍ଡା ଯୋଗଦେଇ ଥିଲେ। ସୁଧାକର ସେଠୀ, ସାରଦା ପ୍ରସନ୍ନ ସାହୁ, ପ୍ରମୋଦ ମହାନ୍ତି, ଉତ୍ତମ ମହାନ୍ତିଙ୍କ ସମେତ ଚାଷୀ, ପରିଚାଳନା ପରିଷଦ ସଦସ୍ୟ, ଧାନ କ୍ରୟ କମିଟି ସଭ୍ୟମାନେ ଉପସ୍ଥିତ ଥିଲେ। ଚାଷୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସମିତିର ସମ୍ପାଦକ ସୁଧୀର ସ୍ୱାଇଁ, ଅରୁଣ, ତପସ୍ୱିନୀ, ପ୍ରଶାନ୍ତ ପ୍ରମୁଖ କାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଅଘଟଣ

## ସୁପରଭାଇଜରଙ୍କୁ ଚାପିଦେଲା ହାଇୱା

ପାରାଦୀପ, ୧୮।୧ (ସମିସ): ବନ୍ଦର ନିଷିଦ୍ଧାଞ୍ଚଳରେ ଗତକାଲି ବିଳମ୍ବିତ ରାତିରେ ଘଟିଯାଇଛି ଏକ ଅଘଟଣ। କାର୍ଯ୍ୟରତ ଥିବା ଜଣେ ସୁପରଭାଇଜରଙ୍କୁ ହାଇୱା ଚାପି ଦେଇଛି। ଘଟଣାସ୍ଥଳରେ ସୁପରଭାଇଜରଙ୍କର ମୃତ୍ୟୁ ଘଟିଛି। ମୃତକ କୁଜଙ୍ଗ ପାନପଲ୍ଲୀ ଅଞ୍ଚଳର ଭ୍ରମରବର ସ୍ୱାଇଁ। ଗତକାଲି ସେ ସବୁଦିନ ଭଳି ବନ୍ଦର ନିଷିଦ୍ଧାଞ୍ଚଳ ମଧ୍ୟରେ ଥିବା ଦଶ ନମ୍ବର କୋଇଲା ପ୍ଲଟରେ ଡ୍ୟୁଟି କରୁଥିଲେ। ଏକ ଚେୟାରରେ ବସି ଲେଖାଲେଖି କରୁଥିବାବେଳେ ଏକ ହାଇୱା ଗାଡ଼ି ପ୍ଲଟ୍‌ରେ ବ୍ୟାକ୍ କରିବା ସମୟରେ ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା କୁହାଯାଉଛି। ସେଠାରେ ଥିବା ତାଙ୍କର ଅନ୍ୟ ସହଯୋଗୀ ଓ ଡ୍ରାଇଭରଙ୍କ ସହାୟତାରେ ତାଙ୍କୁ ସ୍ଥାନୀୟ ଅଠରବାଙ୍କି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଦର୍ଶ ଥାନା ପୁଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନା ପକ୍ଷରୁ ହାଇୱା ଗାଡ଼ିକୁ ଜବତ କରାଯିବା ସହ ତଦନ୍ତ ଆରମ୍ଭ କରିଛି ପୁଲିସ।

## ଗଦାଧରଜିଉଙ୍କ ବାର୍ଷିକ ଉତ୍ସବ

ବାଲିକୁଦା, ୧୮।୧(ସମିସ): ବାଲିକୁଦା ବ୍ଲକ କଣିଆସ୍ଥ ଗଦାଧରଜୀଉଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ମୁଖ୍ୟ ଅଂଶୀଦାର ଶରତ କିଶୋର କାନୁନଗୋଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ପ୍ରଦୀପ୍ତ କୁମାର କାନୁନଗୋ, ଅଜୟ କୁମାର କାନୁନଗୋ, ଦୁର୍ଗାଚରଣ କାନୁନଗୋ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ପୂଜକ ଅଚ୍ୟୁତ ପଣ୍ଡା ସକାଳୁ ଜୀଉଙ୍କ ମଙ୍ଗଳ ଆଳତୀ, ସ୍ନାନ, ବାଲ୍ୟ ଭୋଗ, ଖେଚୁଡ଼ି ଧୂପ ଲାଗି କରି ପୂଜାର୍ଚ୍ଚନା କରିଥିବାବେଳେ ପଣ୍ଡିତ କୁଳମଣି ଶତପଥୀ ଓ ସାରଦା ପ୍ରସନ୍ନ ଆଚାର୍ଯ୍ୟ ବିଷ୍ଣୁ ସହସ୍ର ନାମ ମନ୍ତ୍ର ଉଚ୍ଚାରଣ କରି ହୋମ ଯଜ୍ଞ କରିଥିଲେ।

## ଗାଡ଼ି ସାଇଡ୍ ମରା ଘଟଣାକୁ ନେଇ ଉତ୍ତେଜନା

ବାଲିକୁଦା, ୧୮।୧(ସମିସ): ବାଲିକୁଦା ମୁଖ୍ୟ ବଜାର ନିକଟରେ ଏକ ଏଟିଏମ୍ ମେସିନରେ ଟଙ୍କା ଲୋଡ଼ କରିବାକୁ ଯାଉଥିବା ଗାଡିକୁ ଏକ ଘଣ୍ଟା ଅଟକ ରଖିଲା ଯୁବକ। ଦୀର୍ଘ ସମୟ ଅଟକ ରଖିବା କାରଣରୁ ମୁଖ୍ୟ ରାସ୍ତା ଜାମ ହୋଇ ଜନ ଗହଳି ହୋଇଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ବାଲିକୁଦା ଥାନାକୁ ଅବଗତ କରାଇବା ପରେ ପୁଲିସର ଏକ ଟିମ୍ ପହଞ୍ଚି ଉକ୍ତ ଯୁବକକୁ ନିଜ ହେପାଜତକୁ ନେବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ତେବେ ଏନେଇ କୌଣସି ମାମଲା ରୁଜୁ ହୋଇ ନଥିବା ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଥିବା ବେଳେ ଯୁବକ ଜଣଙ୍କ ବାଇକ ନେଇ ଯାଉଥିବା ସମୟରେ ଉକ୍ତ ଗାଡିଟି ସାଇଡ ମାରିଥିବା କାରଣରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିଲା। ଏଣୁ ଏଟିଏମ୍ ଲୋଡ଼ ପାଇଁ ଯାଉଥିବା ଗାଡି ମାଲିକ କିମ୍ବା ବ୍ୟାଙ୍କ ପକ୍ଷରୁ କୌଣସି ଅଭିଯୋଗ ହୋଇ ନଥିବା କାରଣରୁ ପୁଲିସ ଅଟକ ରଖିଥିବା ଯୁବକଜଣଙ୍କୁ ଛାଡି ଦେଇଥିବା ଜଣାପଡ଼ିଛି।

## ବିଜିପୁର ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

ତିର୍ତ୍ତୋଲ, ୧୮।୧(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗୋପାଳପୁର-ସଙ୍ଖେଶ୍ୱର୍ ପଞ୍ଚାୟତ ବିଜିପୁର ଗ୍ରାମ ବେଲମଣ ଗାଦି ନିକଟରେ ଆସନ୍ତା ଜାନୁଆରି ୩୦ତାରିଖ ରେ ନବନିର୍ମିତ ହନୁମାନ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ରାମାୟଣୀ ପଣ୍ଡିତ ଅଭୟ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ୩୦ ଓ ୩୧ ତାରିଖରେ ପ୍ରତିଷ୍ଠା ଉତ୍ସବ, ୧ତାରିଖରେ ଘୃତ୍ ଯଜ୍ଞ ଓ ସତସଙ୍ଗ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ଣ୍ଣାହୂତି ଦିବସରେ ନୂଆ ଗାଁ ହନୁମାନ ପୀଠର ପୀଠାଧିଶ ବାବା ରାଜୀବ ଲୋଚନ ଦାସ ମାର୍ଗ ଦର୍ଶନ କରି ଆଶ୍ରୀର୍ବଚନ କରିବେ। ଆସନ୍ତା ୬ ଓ ୭ ତାରିଖରେ ରାମଲୀଳା ଅନୁଷ୍ଠିତ ହେବ। ଏହି ବୈଠକରେ ପ୍ରତାପ ଚନ୍ଦ୍ର ପୃଷ୍ଟି, ଧର୍ମେନ୍ଦ୍ର ମଲ୍ଲିକ, ଦିଲୀପ ମଲ୍ଲିକ, ସମୀର ସୁତାର, ରାଜେଶ ଦାଶ, ନିଲୁ ଚରଣ ପୃଷ୍ଟି, ନାରାୟଣ ମୁଦୁଲି, ସନ୍ତୋଷ ସାହୁ, ସୁରେନ୍ଦ୍ର ସୁତାର, ପ୍ରେମାନନ୍ଦ ସାହୁ, ପ୍ରଶାନ୍ତ ପୃଷ୍ଟି, ବସନ୍ତ ପୃଷ୍ଟି, ଅକ୍ଷୟ ମୁଦୁଲି ଓ ମନୋଜ ବେହେରାଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

## ‘ସୁନା ଭଉଣୀ’ର ବାର୍ଷିକ ଉତ୍ସବ



ଜଗତସିଂହପୁର, ୧୮।୧(ସମିସ): ଶିଶୁ ସାହିତ୍ୟ ପତ୍ରିକା ‘ସୁନା ଭଉଣୀ’ର ବାର୍ଷିକ ଉତ୍ସବ ତଥା ଏହାର ପ୍ରତିଷ୍ଠାତା ସମ୍ପାଦକ ବିଜୟ କୁମାର ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଜଗତସିଂହପୁର ପୁସ୍ତକ ମେଳା ପରିସରରେ ପାଳିତ ହୋଇଯାଇଛି। ପ୍ରଥମେ ‘ସୁନା ଭଉଣୀ’ ପତ୍ରିକାର ଇତିହାସ ଓ ବାର୍ଷିକ ବିବରଣୀ ଏହାର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର ପାଠ କରିଥିଲେ। ସଭାପତି ଶୁକଦେବ ପରିଡ଼ାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଚିତ୍ରୋତ୍ପଳା ପ୍ରକାଶନୀର ସତ୍ତ୍ୱାଧିକାରୀ ସଦାଶିବ ଦାଶ, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ରମାରଞ୍ଜନ ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଗଣେଶ୍ୱର ମହାନ୍ତି ଯୋଗଦେଇ ବିଜୟ ମହାପାତ୍ରଙ୍କ ସାରସ୍ୱତ ଜୀବନ ଓ ତାଙ୍କର ବହୁବିଧ କୃତିତ୍ୱ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କବି, କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଅଜୟ କୁମାର ବେହେରା, ଉମାକାନ୍ତ ନାୟକ, କୈଳାସ ଚନ୍ଦ୍ର ସ୍ୱାଇଁ, ପ୍ରତାପ ମହାନ୍ତି, କୈଳାସ ମଲ୍ଲିକ, ସୁବାସ ଚନ୍ଦ୍ର ରାଉତ, ପ୍ରତାପ ଚନ୍ଦ୍ର ବେହେରା, ପତିତପାବନ ଜେନା, ଖଗେଶ୍ୱର ମହାରଣା, ଇନ୍ଦୁମତୀ ସାହୁ, ରଶ୍ମିରଞ୍ଜନ ସ୍ୱାଇଁ, ସେହାଂଶୁ ଜେନା, ପ୍ରତିଭାରାଣୀ ରାୟ, ତିଳୋତ୍ତମା ଦାଶ, ମାତୃ ପ୍ରସାଦ ଶତ୍ରୁଜିତ, ଆରତୀ ଦାସ, ଆର୍ତ୍ତତ୍ରାଣ ପତି, ପୁରୁଷୋତ୍ତମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ‘ସୁନା ଭଉଣୀ’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ସର୍ବୋଦୟ କର୍ମୀ ରବି ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ସ୍ୱାଗତ ଭାଷଣ ଦେଇଥିଲେ। କବି ଅମିତ ଦାସ, ସୀତାଂଶୁ ଜେନା, ସବ୍ୟସାଚୀ ତ୍ରିପାଠୀ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ। ସାମାଜିକ କର୍ମୀ ଗୋବିନ୍ଦ ଓଝା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ପ୍ରଚାର ପ୍ରସାର ଅଭାବ

# ବିରିଡ଼ି ବ୍ଲକ ନିଯୁକ୍ତି ମେଳା ପ୍ରହସନ




ବିରିଡି, ୧୮।୧(ସମିସ): ବିରିଡି ବ୍ଲକ ପରିସରରେ ଶନିବାର ଦିନ ଅନୁଷ୍ଠିତ ବ୍ଲକ ସ୍ତରୀୟ ନିଯୁକ୍ତି ମେଳାରେ ଘୋର ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଏଥିରେ ଅନୁଷ୍ଠିତ ସଭାରେ ଲୋକପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଥିବାର ନଜରକୁ ଆସିଥିଲା। ଏକପ୍ରକାର ଏହି ନିଯୁକ୍ତି ମେଳା ପ୍ରହସନରେ ପରିଣତ ହୋଇଥିଲା। ପ୍ରବଳ ଖରାସତ୍ତ୍ୱେ ଖରା ଦାଉରୁ ରକ୍ଷାପାଇଁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ବା ନିଯୁକ୍ତି ମେଳା ସ୍ଥାନରେ ଟେଣ୍ଟ ବ୍ୟବସ୍ଥା କରାଯାଇନଥିବାରୁ ସକାଳ ୯ଟାରୁ ଆଶାୟୀ ଯୁବକ ଯୁବତୀ ମାନେ ଆସି ସେମିତି ଖରାରେ ସିଝୁଥିବାର ଦେଖିବାକୁ ମିଳିଥିଲା। ଏଣେ ଆଶାୟୀ ଯୁବକ ଯୁବତୀମାନେ ଖରାରେ ଆଉଟୁ ପାଉଟୁ ହେଉଥିବାବେଳେ ତେଣେ ସଭାଗୃହରେ ଅଧିକାରୀ ମାନେ ବେଶ ଘଣ୍ଟା ଘଣ୍ଟା ଧରି ମିଟିଂ କରୁଥିବାରୁ ଆଶାୟୀମାନେ ବାହାରେ ସେମିତି ଖରାରେ ଅପେକ୍ଷା କରିରହିଥିଲେ। ଆସିଥିବା ଯୁବକ ଯୁବତୀ ଙ୍କ ନାମ ପଞ୍ଜିକରଣ କରିବା ବେଳେ ଠିକ ଢଙ୍ଗରେ ଏହାକୁ ପରିଚାଳନା କରାଯାଇନଥିବାରୁ ସେଠାରେ ବ୍ୟାପକ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ଦାୟିତ୍ୱରେ ଥିବା ବ୍ଲକ ପୋଗ୍ରାମ ଅଧିକାରୀ( ବିପିଏମ) ଙ୍କ ଖାମଖିଆଲି ନୀତିଯୋଗୁଁ ଏଭଳି ପରିସ୍ଥିତି ଉପୁଜିଥିଲା। କେତେକ ଆଶାୟୀ ଡେରି ଦେଖି ଫେରିଯାଇଥିବାର ମଧ୍ୟ ନଜରକୁ ଆସିଛି। ଏହି ମେଳାରେ ଟେଣ୍ଟ ବାନ୍ଧିବା, ମେଳାରେ ଯୋଗଦେଉଥିବା ପ୍ରାର୍ଥୀଙ୍କ ପାଇଁ ପାଣି ବ୍ୟବସ୍ଥା ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ସରକାରୀ ଅର୍ଥ ବ୍ୟବସ୍ଥା ରହିଥିଲେ ମଧ୍ୟ ଏସବୁଦିଗ ପ୍ରତି ଦୃଷ୍ଟି ଦିଆଯାଇନାହିଁ। ଏହାକୁ ଆୟୋଜନ କରିଥିବା ଜିଲ୍ଲା ଶିକ୍ଷ ସଂସ୍ଥା ଓ ବ୍ଲକ ପୋଗ୍ରାମ ଅଧିକାରୀଙ୍କ ବେପରୁଆ ମନୋବୃତ୍ତି ଯୋଗୁଁ ପରିଚାଳନା ଗତ ତ୍ରୁଟି ମଧ୍ୟ ଦେଖିବାକୁ ମିଳିଛି। ଏମିତିକି କେତେକ ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯାଇଥିବାର ମଧ୍ୟ ଜଣାପଡ଼ିଛି। ପ୍ରଚାର ପ୍ରସାର ଅଭାବରୁ ବହୁ ବେକାର ଯୁବକ ଯୁବତୀ ଏଥରେ ଯୋଗଦେଇ ପାରିନଥିବାରୁ ବିରିଡି ବ୍ଲକର ବେକାର ଯୁବକ ଯୁବତୀମାନଙ୍କ ପାଇଁ ଉଦ୍ଦିଷ୍ଟ ନିଯୁକ୍ତି ମେଳାର ସଫଳରୂପାୟନ ତଥା ସରକାରଙ୍କ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାର ଯେଉଁ ପ୍ରୟାସ ଜାରି ରଖିଛନ୍ତି ତାହାର ସଫଳ ରୂପାୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଏନଟିପିସି NTPC

ଏନ ଟି ପି ସି ଲିମିଟେଡ

(ଭାରତ ସରକାରଙ୍କ ଉଦ୍ୟମ)

ନୋଟିସ୍

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋର-୭, ସ୍କୋପ କମ୍ପ୍ଲେକ୍ସ, ୭-ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩

କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:

କ) ଗ୍ରିଡ୍‌କୋ ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୭

ଖ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ୍ ବିଦ୍ୟୁତ ଭବନ, ରେସ୍ କୋର୍ସ, ବଡୋଦା - ୩୯୦୦୦୭

ଗ) ମଧ୍ୟପ୍ରଦେଶ ପାୱାର ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ୍, ଶକ୍ତି ଭବନ, ବିଦ୍ୟୁତ ନଗର, ଜବଲପୁର - ୪୮୨୦୦୮

ଘ) ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, 'ପ୍ରକାଶଗଡ଼', ବାନ୍ଦ୍ରା (ପୂର୍ବ), ମୁମ୍ବାଇ - ୪୦୦୦୫୧

ଙ) ଛତିଶଗଡ଼ ରାଜ୍ୟ ବିଦ୍ୟୁତ ବ୍ୟବସାୟ କମ୍ପାନୀ ଲିମିଟେଡ୍, ପୋ. ସୁନ୍ଦରନଗର, ଡଙ୍ଗାନିଆ, ରାଏପୁର - ୪୯୨୦୧୩

ଚ) ଦାଦରା ଏବଂ ନଗର ହାଭେଲି ଏବଂ ଦମନ୍ ଏବଂ ଡିଉ ପାୱାର ବିତରଣ ନିଗମ୍ ଲିମିଟେଡ୍, ୧ମ ଏବଂ ୨ୟ ତଳ, ବିଦ୍ୟୁତ ଭବନ, ସିଲ୍‌ଭାସା - ୩୯୬୨୩୦, ଡିଏନ୍‌ଏଚ୍, ଭାରତ

ଛ) ଉତ୍ତର ପ୍ରଦେଶ ପାୱାର କର୍ପୋରେସନ୍ ଲିମିଟେଡ୍, ଶକ୍ତି ଭବନ, ୧୪, ଅଶୋକ ମାର୍ଗ, ଲକ୍ଷ୍ନୌ - ୨୨୬୦୦୧

ଜ) ଉତ୍ତରାଖଣ୍ଡ ପାୱାର କର୍ପୋରେସନ୍ ଲିମିଟେଡ୍, ଉର୍ଜା ଭବନ, କାନ୍ୱାଲୀ ରୋଡ୍, ଦେହରାଦୁନ୍ - ୨୪୮୦୦୧

ଝ) ଜୟପୁର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ବିଦ୍ୟୁତ ଭବନ, ଜନପଥ, ଜୟପୁର - ୩୦୨୦୦୫

ଞ) ଅଜମେର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ପୁରୁଣା ପାୱାର ହାଉସ୍, ହାଥୀ ଭଟା, ଜୟପୁର ରୋଡ୍, ଅଜମେର

ଟ) ଯୋଧପୁର ବିଦ୍ୟୁତ ବିତ୍ରଣ ନିଗମ୍ ଲିମିଟେଡ୍, ନୂତନ ପାୱାର ହାଉସ୍ ରୋଡ୍, ଇଣ୍ଡଷ୍ଟ୍ରିଆଲ୍ ଏରିଆ, ଯୋଧପୁର

ଠ) ବିଦ୍ୟୁତ ଉନ୍ନତି ବିଭାଗ (ଜେଆଣ୍ଡକେ), ଜମ୍ମୁ ଏବଂ କାଶ୍ମୀର ସରକାର, ସଚିବାଳୟ, ଶ୍ରୀନଗର

ଡ) BSES ରାଜଧାନୀ ପାୱାର ଲିମିଟେଡ୍, BSES ଭବନ, ନେହରୁ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୧୯

ଢ) BSES ଯମୁନା ପାୱାର ଲିମିଟେଡ୍, ଶକ୍ତି କିରଣ ଭବନ, କାର୍କରଡୁମା, ଦିଲ୍ଲୀ

ଣ) ଟାଟା ପାୱାର ଦିଲ୍ଲୀ ବିତ୍ରଣ ଲିମିଟେଡ୍, NDPL ହାଉସ୍, ହଡସନ୍ ଲେନ୍, କିଙ୍ଗସ୍‌ୱେ କ୍ୟାମ୍ପ, ନୂଆଦିଲ୍ଲୀ - ୧୧୦୦୦୯

ତ) ହରିୟାଣା ପାୱାର ପର୍ଚେଜ୍ ସେଣ୍ଟର୍ ଲିମିଟେଡ୍, ଶକ୍ତି ଭବନ, ସେକ୍ଟର-୬, ପଞ୍ଚକୁଲା, ହରିୟାଣା - ୧୩୪୧୦୯

ଥ) ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ୍, ଦି ମଲ୍, ପଟିଆଲା - ୧୪୭୦୦୧

ଦ) ହିମାଚଳ ପ୍ରଦେଶ ରାଜ୍ୟ ବିଦ୍ୟୁତ ବୋର୍ଡ୍, ବିଦ୍ୟୁତ ଭବନ, ଶିମଲା - ୧୭୧୦୦୪

ଧ) ବିଦ୍ୟୁତ ବିଭାଗ, କେନ୍ଦ୍ରଶାସିତ ଚଣ୍ଡିଗଡ଼, ଅତିରିକ୍ତ କାର୍ଯ୍ୟାଳୟ ଭବନ, ସେକ୍ଟର-୯ଡି, ଚଣ୍ଡିଗଡ଼

୨. ଉତ୍ପାଦନ କେନ୍ଦ୍ରର କ୍ଷମତା: 1500 ମେଗାୱାଟ୍

୩. ପ୍ରକଳ୍ପର ଅନୁମୋଦିତ ମୂଳଧନ ଖର୍ଚ୍ଚ: ₹5690.56 କୋଟି

୪. ମୂଳଧନ ଖର୍ଚ୍ଚ ଅନୁମୋଦନ କରିଥିବା କର୍ତ୍ତୃପକ୍ଷ: CERC

୫. ବାଣିଜ୍ୟିକ ସଞ୍ଚାଳନର ନିର୍ଦ୍ଧାରିତ ତାରିଖ: ଅପ୍ରସଙ୍ଗିକ

୬. କେନ୍ଦ୍ରର ବାଣିଜ୍ୟିକ ସଞ୍ଚାଳନର ପ୍ରକୃତ ତାରିଖ: 20.03.2010

୭. ବାଣିଜ୍ୟିକ ସଞ୍ଚାଳନର ତାରିଖରେ ମୂଳଧନ ଖର୍ଚ୍ଚ: ଅପ୍ରସଙ୍ଗିକ

୮. ଶୁଳ୍କ ବିବରଣୀ:

| ବିବରଣୀ | ପୂର୍ବ ବର୍ଷ ପାଇଁ ଟାରିଫ | ବର୍ଷ ଅନୁଯାୟୀ ଟାରିଫ ନିର୍ଦ୍ଧାରଣ କରାଯାଇଅଛି | | | | |
|---|---|---|---|---|---|---|
| | | 2024-25 | 2025-26 | 2026-27 | 2027-28 | 2028-29 |
| ୧. କ୍ଷମତା ପ୍ରଭାର (ଟ.ଲକ୍ଷ/ବର୍ଷ) | 121044.67 | 118927.30 | 121832.60 | 126102.67 | 134243.94 | 142463.25 |
| ୨. ଉର୍ଜା ପ୍ରଭାର (ଟ./ପ୍ରତି ୟୁନିଟ୍) | 3.705 | 3.026 | | | | |

ମାନନୀୟ ସିଇଆରସିଙ୍କ ସମ୍ମୁଖରେ ଦାଖଲ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ) ପାଇଁ ୨୦୧୯-୨୪ ଅବଧି ହେତୁ ଟାରିଫର ଟ୍ରୁ-ଅପ ନିମନ୍ତେ ଦାୟର ଯାଚିକା ଅନୁଯାୟୀ।

୯. ଟାରିଫର ନିର୍ଦ୍ଧାରଣ ହେତୁ ଦାଖଲ ଆବେଦନର ଏକ କପି ଏନଟିପିସିର ୱେବସାଇଟ www.ntpc.co.in ରେ ଟ୍ୟାବ 'ନୋଟିସ୍'ର ଅନ୍ତର୍ଗତ ପ୍ରକାଶିତ ହୋଇଅଛି।

୧୦. ପିଟିସନର ଅନ୍ତର୍ଗତ ଟାରିଫ ନିର୍ଦ୍ଧାରଣ ହେତୁ ପ୍ରସ୍ତାବରେ ଲାଭାର୍ଥୀ ସହିତ କୌଣସି ବ୍ୟକ୍ତି ଦ୍ୱାରା ପ୍ରସ୍ତାବ କିମ୍ବା ଅଭିଯୋଗ, ଯଦି ଅଛି ତେବେ ସେହି ନୋଟିସ୍ ପ୍ରକାଶନର ୩୦ ଦିନ ଭିତରେ ଯାଚିକାକର୍ତ୍ତାଙ୍କୁ ଏହାର ଏକ ନକଲ ସହିତ ଆୟୋଗର ଇ-ଫାଇଲିଂ ପୋର୍ଟାଲ ମାଧ୍ୟମରେ ପ୍ରସ୍ତୁତ କରାଯାଇପାରିବ।

ସ୍ଥାନ: ନୋଏଡା (ଉ.ପ୍ର.) (ପ୍ରଶାନ୍ତ ଚତୁର୍ବେଦୀ)

ତାରିଖ: ୦୩.୧୧.୨୦୨୪ ଅତିରିକ୍ତ ମହାପ୍ରବନ୍ଧକ (ବାଣିଜ୍ୟିକ)

ବିଦ୍ୟୁତ କ୍ଷେତ୍ରରେ ଅଗ୍ରଣୀ

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



ଡେରାବିଶ, ୧୮।୧(ସମିସ): ଡେରାବିଶ ବ୍ଲକ ଗୋଲରହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାସ୍ଥିତ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଶ୍ରମିକ ଧିରେନ ସାହୁ ସଂଯୋଜନା କରିଥିବା ବେଳେ ମନୋଜ ପରିଡ଼ା ଅଧ୍ୟକ୍ଷତା କରିଥିଲେ। ଉକ୍ତ ସମାବେଶରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାର ନିର୍ମାଣ ଶ୍ରମିକମାନଙ୍କ ସମସ୍ୟାର ସମାଧାନ ନିମନ୍ତେ କର୍ତ୍ତୃପକ୍ଷଙ୍କ ସହିତ ବହୁବାର ଆଲୋଚନା କରି ତାର କିଛି ସୁଫଳ ନମିଳିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ମହିଳା ନିର୍ମାଣ ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ, ୬୦ ଦିନ ଭିତରେ ମୃତ୍ୟୁକାଳୀନ ସହାୟତା ପ୍ରଦାନର ନିୟମ ଥିଲେବି ଏହାର କାର୍ଯ୍ୟକାରୀତାରେ ଢେର ବିଳମ୍ବ ଘଟୁଛି। ଶ୍ରମିକ ତାର ଝିଅ ବିଭାଘର ସହାୟତା ରାଶି ପାଇବା ପାଇଁ ଶ୍ରମ କାର୍ଯ୍ୟାଳୟକୁ ଦଉଡ଼ି ଥିଲେ ମଧ୍ୟ ସହାୟତା ରାଶି ମିଳିପାରୁନାହିଁ। ମାତୃତ୍ୱ ସହାୟତା ଓ ଶ୍ରମିକମାନଙ୍କ ପିଲାର ଶିକ୍ଷା ପାଇଁ ମିଳୁଥିବା ସହାୟତାରାଶି ପାଇବାରେ ବିଳମ୍ବ ହେଉଥିବାରୁ ଶ୍ରମିକାମନଙ୍କ ମଧ୍ୟରେ ଅଶାନ୍ତି ବୃଦ୍ଧି ପାଉଛି। ଏହି ଶ୍ରମିକ ଅଶାନ୍ତି ଆନ୍ଦୋଳନର ରୂପ ନେବ ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ବାରିକ, ଅନିରୁଦ୍ଧ ପୃଷ୍ଟି, ମାଳତି ଜେନା, ମାୟାଧର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଦିଲ୍ଲୀ ସାଧାରଣତନ୍ତ୍ର ଦିବସ ଉତ୍ସବରେ ଯୋଗଦେବେ ବେଣିପୁର ସରପଞ୍ଚ



ପଞ୍ଚୁପାଣ୍ଡବ, ୧୮।୧(ସମିସ): ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ସାଧାରଣତନ୍ତ୍ର ଦିବସରେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ବେଣିପୁର ପଞ୍ଚାୟତର ସରପଞ୍ଚ ମୋହନ ଚରଣ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବାକୁ ନିମନ୍ତ୍ରିତ ହୋଇଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ବିଭାଗୀୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମିନା ରାଜ୍ୟର ଜନପ୍ରତିନିଧିଙ୍କ ତାଲିକା କେନ୍ଦ୍ର ପଞ୍ଚାୟତିରାଜ ବିଭାଗକୁ ପ୍ରଦାନ କରିଛନ୍ତି। ଏଥିରେ ମୋହନ ସାହୁଙ୍କ ନାମ ରହିଛି। ଏ ସମ୍ପର୍କରେ ସରପଞ୍ଚ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ମୋ ସହ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସରପଞ୍ଚ ଅରକ୍ଷିତ କାଣ୍ଡିଙ୍କୁ ନିମନ୍ତ୍ରଣ ମିଳିଛି।

## ନ୍ୟାସନାଲ ୟୁଥ୍ ଆମ୍ବାସାଡର ହେଲେ ଦିନେଶ

କେନ୍ଦ୍ରାପଡ଼ା, ୧୮।୧(ସମିସ): ୨୫ତମ ନ୍ୟାସନାଲ ୟୁଥ୍ ଫେଷ୍ଟିଭାଲରେ ସେକେଣ୍ଡ ରନର୍ସଅପ ହୋଇ ୟୁଥ୍ ଆମ୍ବାସାଡର ଟାଇଟଲ ଜିତି ଓଡ଼ିଶା ପାଇଁ ସୁନାମ ଆଣିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜାଗୁଲାଇପଡ଼ା ଗ୍ରାମର ଦିନେଶ କୁମାର ରାଉତ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀସ୍ଥ ନିଜ ବାସଭବନକୁ ନିମନ୍ତ୍ରଣ କରି ଦିନେଶଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଚଳିତ ବର୍ଷ ଭାରତ ମଣ୍ଡପରେ ଆୟୋଜିତ ଏହି ଫେଷ୍ଟିଭାଲରେ ସାରା ଦେଶରୁ ପାଖାପାଖି ୩୦ ଲକ୍ଷରୁ ଅଧିକ ଯୁବକଯୁବତୀ ଅଂଶଗ୍ରହଣ କରିଥିବାବେଳେ ଶେଷରେ ୩ ହଜାର ଫାଇନାଲିଷ୍ଟ ଭାବେ ଭାରତ ମଣ୍ଡପକୁ ଯାଇଥିଲେ। ସେଠାରେ ଦିନେଶ ଭାରତକୁ ବିଶ୍ୱ ଉତ୍ପାଦନ ଶକ୍ତି ଗୃହ କରିବା ବିଷୟରେ ଓଡ଼ିଶା ରାଜ୍ୟକୁ ରାଷ୍ଟ୍ର ମଞ୍ଚରେ ପ୍ରତିନିଧିତ୍ୱ କରିଥିଲେ। ତେବେ ଗ୍ରାମାଞ୍ଚଳରୁ ଯାଇ ରାଷ୍ଟ୍ର ପାଇଁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଥିବାରୁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିନେଶ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜିଏସ୍‌ଟି ସର୍ବକ୍ଷମା ଯୋଜନା ସଚେତନତା




କେନ୍ଦ୍ରାପଡ଼ା, ୧୮।୧(ସମିସ): କେନ୍ଦ୍ରାପଡ଼ାସ୍ଥ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଜିଏସ୍‌ଟି ସର୍ବକ୍ଷମା ଯୋଜନାର ଏକ ସଚେତନତା କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଜିଏସ୍‌ଟି ବିଭାଗର ଅତିରିକ୍ତ ଆୟୁକ୍ତ ମୁକ୍ତିରଞ୍ଜନ ଆଚାର୍ଯ୍ୟ, ଯୁଗ୍ମ ଆୟୁକ୍ତ ରମେଶ କୁମାର ମଣ୍ଡଳ ଓ ଉପଆୟୁକ୍ତ ଅମରେନ୍ଦ୍ର ପ୍ରସାଦ ମହାଳିକ ପ୍ରମୁଖ ଉପସ୍ଥିତ ରହି ଏହି ସର୍ବକ୍ଷମା ଯୋଜନାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ୨୦୧୭-୧୮, ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ ଜିଏସ୍‌ଟି ନିୟମ ଧାରା-୭୩ ଅନୁଯାୟୀ ନିର୍ଦ୍ଧାରିତ ଟିକସ ପରିମାଣକୁ ଦାଖଲ କଲେ ତା' ଉପରେ ନିର୍ଦ୍ଧାରଣ କରାଯାଇଥିବା ସୁଧ ଓ ଜରିମାନା ପରିମାଣ ସମ୍ପୂର୍ଣ୍ଣ ଛାଡ ହୋଇଯିବ ବୋଲି ଅଧିକାରୀଗଣ ମତବ୍ୟକ୍ତ କରିଥିଲେ। ଏହି କର୍ମଶାଳାରେ କେନ୍ଦ୍ରାପଡ଼ା ଟ୍ୟାକ୍ସ ବାର୍ ଆସୋସିଏସନର ସଭାପତି ପରେଶ ଚନ୍ଦ୍ର ଦାସ, ଉପଦେଷ୍ଟା ଦୁର୍ଯ୍ୟୋଧନ ରଥ ଓ ୧୦୦ରୁ ଅଧିକ ଆଡ଼ଭୋକେଟ, ବ୍ୟବସାୟୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିହାରରେ ଯୁବତୀ ପଣବନ୍ଦୀ ଘଟଣା

# ଚାଲାଣ କରିଥିବା ବ୍ୟକ୍ତିଙ୍କୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନୋଟିସ

ରାଜନଗର, ୧୮।୧(ସମିସ):

ରାଜଧାନୀ ଭୁବନେଶ୍ୱରରେ ଏକ ବିସ୍କୁଟ କାରଖାନାରେ ଚାକିରୀ କରାଇବାକୁ ନେଇ ଯୁବତୀଙ୍କୁ ବିହାରକୁ ଚାଲାଣ କରିବା ସହିତ ସେଠାରେ ଅର୍କେଷ୍ଟ୍ରାରେ ନଚାଇ ପଣବନ୍ଦୀ କରି ରଖିବା ଘଟଣା ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପଣବନ୍ଦୀ ରହିଥିବା ଯୁବତୀଙ୍କୁ ଘରକୁ ଫେରାଇ ଆଣିବା ପାଇଁ ତାଙ୍କ ବାପା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ପରେ ଜିଲ୍ଲା ଶ୍ରମ ଅଧିକାରୀ ଏହାକୁ ଗୁରୁତର ସହିତ ନେବା ସହିତ ଯୁବତୀଙ୍କୁ ଚାଲାଣ କରିଥିବା ବ୍ୟକ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

ଘଟଣା ମୁତାବକ ରାଜନଗର ଥାନା ଅନ୍ତର୍ଗତ ସାନବଡଗୋପାଳପୁର ପଞ୍ଚାୟତ ଭାଟପଡ଼ା ଗ୍ରାମର ଜନୈକା ଯୁବତୀ ପଣବନ୍ଦୀ ଥିବା ବିହାରରୁ ଖସି ଆସିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ଯୁବତୀର ବାପା ଏ ନେଇ ରାଜନଗର ଥାନାରେ ପହଞ୍ଚି ଝିଅକୁ ଉଦ୍ଧାର କରିବା ପାଇଁ ପୁଲିସକୁ ଲିଖିତ ଭାବେ ଜଣାଇଥିଲେ। ପୁଲିସ ସହାୟତା ନକରିବାରୁ ଯୁବତୀର ବାପା ଏ ନେଇ ଜିଲ୍ଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ନେଇ ରାଜନଗର ଥାନାରେ ୧୨୭(୨), ୩୫୧ (୨), ୩୦୩(୨), ୩(୫) ବିଏନଏସରେ ଜିରୋ ଏଫଆଇଆରରେ ମାମଲା ରୁଜୁ ହୋଇଛି। ଜିଲ୍ଲା ଶ୍ରମ ଅଧିକାରୀ ଯୁବତୀ ଚାଲାଣକାରୀ ନିଶ୍ଚିତକୋଇଲି ଥାନା ଅନ୍ତର୍ଗତ କାନପୁର ଗାଁର ସନ୍ତୋଷ ଭଞ୍ଜଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ୨୪ ତାରିଖ ସୁଦ୍ଧା ଏହାର ଉତ୍ତର ଦେବାକୁ ନୋଟିସରେ ଉଲ୍ଲେଖ କରିଛନ୍ତି। ଏହି ନୋଟିସରେ ଭୁବନେଶ୍ୱର ବିସ୍କୁଟ କମ୍ପାନୀରେ କାମ କରାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ବିହାରକୁ ପଠାଇଥିଲେ। ବିହାରର ସଞ୍ଜୟ ଭଜନଙ୍କ ଅର୍କେଷ୍ଟ୍ରା ଗ୍ରୁପରେ କାମ କରିବାକୁ ବାଧ କରିଛନ୍ତି। ସରକାରୀ ରେକର୍ଡରେ ଆଇଏସଏମଡବ୍ଲ୍ୟୁ (ଆରଇ ଆଣ୍ଡ ସିଏସ) ଆକ୍ଟ ୧୯୭୯ ଅନୁଯାୟୀ ପ୍ରବାସୀ ଶ୍ରମିକ ମାନଙ୍କୁ କାମ କରାଇବା ନିମନ୍ତେ କୌଣସି ବୈଧ ଲାଇସେନ୍ସ ନାହିଁ। ଏଥିସହିତ ଲାଇସେନ୍ସ ନଥିବାରୁ ସେକ୍ସନ ୮ (୧) ରୁଲ ୭, ବିସ୍ଥାପନ ଭତ୍ତା ପ୍ରଦାନ ସେକ୍ସନ ୧୪, ଯାତ୍ରା ଭତ୍ତା ପ୍ରଦାନ ସେକ୍ସନ ୧୫, ରୁଲ ୨୨, ମଜୁରୀ ପ୍ରଦାନ ସେକ୍ସନ ୧୭ ରୁଲ ୨୮, ରେଜିଷ୍ଟର ରକ୍ଷଣା ବେକ୍ଷଣରେ ବିଫଳତା, ଓଭରଟାଇମ ଓ ଦେୟ ରେଜିଷ୍ଟର ସେକ୍ସନ ୨୩ ରୁଲ ୫୨, ଆଇନର ସାରାଂଶ ପ୍ରଦର୍ଶନ ନୋଟିସ ସେକ୍ସନ ୨୩ ରୁଲ ୫୪, ୫୫, ମିଳିତ ବାର୍ଷିକ ରିଟର୍ଣ୍ଣ ଦାଖଲ ନିୟମ ୫୫୧ର ଉଲଂଘନ କରିଥିବାରୁ ସନ୍ତୋଷ ଭଞ୍ଜଙ୍କୁ ଜିଲ୍ଲା ଶ୍ରମ ଅଧିକାରୀ କାରଣ ଦର୍ଶାଅ ନୋଟସ ଜାରି କରିଛନ୍ତି। ଆଇନ ଓ ବ୍ୟବସ୍ଥାର ଉଲଂଘନ କରିଥିବାରୁ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେ ନେଇ ଉତ୍ତର ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଗତକାଲି ଜିଲ୍ଲା ଶ୍ରମ ବିଭାଗ ଓ ପୁଲିସର ତତ୍ପରତା ପରେ ଯୁବତୀ ଚାଲାଣକାରୀ ସନ୍ତୋଷ ତାଙ୍କ ସୁପରଭାଇଜରଙ୍କ ମାଧ୍ୟମରେ ସେଠାରେ ପଣବନ୍ଦୀ ଥିବା ରାଜନଗର ଥାନା ଅନ୍ତର୍ଗତ ଅନ୍ୟ ଜଣେ ଯୁବତୀଙ୍କୁ ଆଜି ଆଣି କଟକ ବସଷ୍ଟାଣ୍ଡରେ ସଂଧ୍ୟାରେ ବସ ଚଢାଇ ଚାଲି ଯାଇଥିବା ନେଇ ତାଙ୍କ ପରିବାର ଲୋକେ ଜଣାଇଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ଦାନପୁର ପୋଲ



ଡେରାବିଶ, ୧୮।୧(ସମିସ):ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା କେନାଲର ବିପଦସଙ୍କୁଳ ଦାନପୁର ପୋଲ ଉପରେ ଶହଶହ ବାଲି ବୋଝେଇ ଭାରିଯାନ ଯାତାୟତ କରୁଥିବା ଦେଖାଦେଇଛି। ଇଂରେଜ ଅମଳର ଲୁହାକଡ଼ି ଉପରେ ନିର୍ମିତ କେନ୍ଦ୍ରାପଡ଼ା କେନାଲର ପୋଲକୁ କିଛିବର୍ଷ ତଳେ ମରାମତି କରାଯାଇଥିଲା। ସେ ପୋଲ ଦୁଇଟିରେ ଯେତେବେଳେ ଚାରିଚକିଆ ଜିପ ଓ କାର ଯାତାୟତ କରୁଥିଲା। ଦାନପୁରଠାରେ ଲୁଣାନଦୀରେ ପୋଲ ହେବା ପରେ ନଦୀ ଆରପଟକୁ ଟ୍ରକ ଦ୍ୱାରା ବିଭିନ୍ନ ସାମଗ୍ରୀ ପରିବହନ କରାଯାଉଛି। ନଦୀ ପୋଲକୁ ସଂଯୋଗ ପାଇଁ କେନ୍ଦ୍ରାପଡ଼ା କେନାଲ ଉପରେ ଏକ ନୂତନ ପୋଲ ନିର୍ମାଣ କରାଯାଇଥିଲେ ବି ତାର ସଂଯୋଗୀକରଣ ରାସ୍ତା ନିର୍ମାଣ ହୋଇନଥିବାରୁ ଇଂରେଜ ଅମଳର ବିପଦସଙ୍କୁଳ ପୋଲ ଉପରେ ଟ୍ରକ ଗୁଡ଼ିକ ଯାତାୟତ କରୁଛି। ଏପରିକି ଲୁଣାନଦୀର ବିଭିନ୍ନ ଘାଟରୁ ଉଠୁଥିବା ବାଲି ବୋଝେଇ ଭାରିଯାନ ମଧ୍ୟ ଯାତାୟତ କରୁଛି। ଯାହାଫଳରେ ଏବେ କେନ୍ଦ୍ରାପଡ଼ା କେନାଲର ବାମପାର୍ଶ୍ୱ ବନ୍ଧ ଲକ୍ ପୋଲ ନିକଟରେ ଦାବି ଗଲାଣି। ବନ୍ଧ ଦବିଯିବା ପରେ ଏଠାରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏଠାରେ ରାସ୍ତା ଭୁସୁଡ଼ିଯିବାର ଆଶଙ୍କାବି ଉପୁଜିଲାଣି। ଏହାର ତୁରନ୍ତ ମରାମତି କରିବା ସହ ଲୁଣାନଦୀ ପୋଲକୁ ହେବାକୁଥିବା ସଂଯୋଗୀକରଣ ରାସ୍ତାକୁ ତୁରନ୍ତ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ୪ ବଖରା ଜଳିଗଲା



ରାଜନଗର, ୧୮।୧(ସମିସ): ରାଜନଗର ବ୍ଲକ ଅନ୍ତର୍ଗତ ଡାଙ୍ଗମାଳ ପଞ୍ଚାୟତର ତ୍ରିଲୋଚନପୁର ଗାଁର ଅର୍ଦ୍ଧେନ୍ଦୁ ଡିଙ୍ଗାଲଙ୍କ ୪ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ଆଜି ଅପରାହ୍ନରେ ବିଦ୍ୟୁତ୍ ସର୍ଟସର୍କିଟରୁ ନିଆଁ ଲାଗି ୪ ବଖରା ଘର ସହିତ ଧାନ ଚାଉଳ ଓ ସମସ୍ତ ଆସବାସପତ୍ର ପୋଡି ପାଉଁଶ ହୋଇଯାଇଛି। ଗ୍ରାମବାସୀମାନେ ନିଆଁ ଲିଭାଇବାକୁ ଚେଷ୍ଟା କରି ମଧ୍ୟ ନିଆଁକୁ ଆୟତ୍ତ କରିପାରିନଥିଲେ। ସବୁ ପୋଡି ପାଉଁଶ ହୋଇସାରିବା ପରେ ଦମକଳ ବାହିନୀ ପହଞ୍ଚିଥିଲା। ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ଦାବି ହୋଇଛି।

## ବାଳିକା ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ



ଡେରାବିଶ, ୧୮।୧(ସମିସ): ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାଳିକାମାନଙ୍କର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ଉଦ୍‌ଯାପିତ ହୋଇଯାଇଛି। ସମ୍ପ୍ରତି ସମାଜରେ ନାରୀମାନେ ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି ଏବଂ ସେଥିରୁ ମୁକୁଳିଆସିବା ପାଇଁ ସେମାନଙ୍କୁ ସଶକ୍ତ ହେବାକୁ ପଡ଼ିବ। ଏହା ସଙ୍ଗେ ସଙ୍ଗେ ଶାରୀରିକ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସେମାନଙ୍କୁ ବିଭିନ୍ନ କୌଶଳ ଶିକ୍ଷାକରିବା ଉଚିତ୍ ବୋଲି ଅଧ୍ୟକ୍ଷ ଶ୍ରୀ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବୃନ୍ଦାବନ ଦାସ, ଅଧ୍ୟାପକ ବିଶ୍ୱଜିତ ସାହୁ, , ଡେମୋନଷ୍ଟ୍ରେଟର ସ୍ୱର୍ଣ୍ଣଲତା ମିଶ୍ର, ପୂର୍ବତନ ପରିଚାଳନା ସମିତିସଭ୍ୟ ଲକ୍ଷ୍ମୀଧର ବେହେରା, ପୂର୍ବତନ କ୍ରୀଡ଼ା ଶିକ୍ଷକ ଶରତ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଆତ୍ମରକ୍ଷା କୌଶଳ ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡଃ ପ୍ରଜ୍ଞା ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ଡ. ରୁଦ୍ରାଣୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପ୍ରଶିକ୍ଷକା ବନ୍ୟା ବେହେରା ଓ ସୌଦାମିନୀଙ୍କ ସହାୟତାରେ ବାଳିକାମାନେ ସେମାନଙ୍କୁ ଶିଖାଯାଇଥିବା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ।

## ଜନରାଜ୍ୟ ଦିବସ ପ୍ୟାରେଡ଼ରେ ଡେରାବିଶର ଲକ୍ଷପତି ଦିଦି ରେଶମା ସ୍ୱତନ୍ତ୍ର ଅତିଥି



ଡେରାବିଶ, ୧୮।୧(ସମିସ): ଆସନ୍ତା ୨୬ ତାରିଖରେ ରାଜଧାନୀ ନୂଆଦିଲ୍ଲୀଠାରେ ହେବାକୁଥିବା ଜନରାଜ୍ୟ ଦିବସ ଉତ୍ସବରେ ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପର ସମ୍ପାଦିକା ଲକ୍ଷପତି ଦିଦି ରେଶମା ବେଗମ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣ ପାଇଛନ୍ତି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ବିଭାଗୀୟ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ମୀନାଙ୍କ ପକ୍ଷରୁ ଏକ ଚିଠି ସମ୍ବଳିତ ନିମନ୍ତ୍ରଣ ପତ୍ର ଲକ୍ଷପତି ଦିଦି ରେଶମା ବେଗମଙ୍କ ନିକଟରେ ପହଞ୍ଚିଛି। ରେଶମା ଏବଂ ତାଙ୍କ ସ୍ୱାମୀ ସୋଲେମାନ ଖାନ ଆସନ୍ତା ୨୨ ତାରିଖ ସକାଳେ ରେଳ ଯୋଗେ ନୂଆଦିଲ୍ଲୀ ଯାଇ ୨୬ ତାରିଖ ଦିନ ପ୍ୟାରେଡ଼ ଦେଖିବେ। ଏହି ଅବସରରେ ରେଶମା କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ରେଶମା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପର ମହିଳା ସଦସ୍ୟାମାନଙ୍କ ଦ୍ୱାରା ଉତ୍ପାଦିତ ଏମ୍ବ୍ରୋଡୋରୀ କାର୍ଯ୍ୟ ସାରା ଭାରତରେ ପ୍ରସିଦ୍ଧି ଲାଭ କରିଛି। ସୂଚନାଯୋଗ୍ୟ ଏହି ପ୍ୟାରେଡ୍ ଦେଖିବା ପାଇଁ ଡେରାବିଶ ବ୍ଲକର ଲକ୍ଷ୍ମୀନାରାୟଣପୁର ସରପଞ୍ଚ ଅରକ୍ଷିତ କାଣ୍ଡି ଓ ବେଣିପୁର ସରପଞ୍ଚ ମୋହନ ଚରଣ ସାହୁଙ୍କୁ ମଧ୍ୟ ନିମନ୍ତ୍ରଣ ହୋଇଥିବା ନେଇ ଚିଠି ସମ୍ପୃକ୍ତ ପଞ୍ଚାୟତରେ ପହଞ୍ଚିଛି।

## କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ରାଜନଗର, ୧୮।୧(ସମିସ): ଆଜି ଅପରାହ୍ନରେ କେସି ମଣ୍ଡପ ପରିସରରେ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ବାଲିସାହିପାଟଣା ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, କଂଗ୍ରେସ ନେତା ଦାମୋଦର ବିଶ୍ୱାଳ, ବୈକୁଣ୍ଠ ବିହାରୀ ବିଶ୍ୱାଳ, ରମାକାନ୍ତ ଜେନା, ନିରଞ୍ଜନ ଖିଲାର, ବାପିନା ବିଶ୍ୱାଳ, ବିଜୟ କୁମାର ରାଉତ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ କରି ବିଭିନ୍ନ ସମୟରେ କଂଗ୍ରେସ ଦଳର ଲୋକ ଅନ୍ୟ ଦଳରେ ମିଶୁଥିବା ନେଇ କହୁଛନ୍ତି। ସେମାନେ କଂଗ୍ରେସ ଦଳ ଓ ନେତୃତ୍ୱ ସହିତ ନଥିଲେ ବୋଲି ଏହି ସାମ୍ବାଦିକ ସମ୍ମିଳନୀ କଂଗ୍ରେସ ନେତାମାନେ ଦର୍ଶାଇଛନ୍ତି।

## ଡେରାବିଶ ମହାବିଦ୍ୟାଳୟକୁ ନାକ ଟିମ୍‌ର ବି+ ମାନ୍ୟତା

ଡେରାବିଶ, ୧୮।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଡେରାବିଶ ମହାବିଦ୍ୟାଳୟକୁ ଚଳିତ ମାସର ପ୍ରଥମ ସପ୍ତାହରେ ନାକ୍ ପିଅର ଟିମ୍ ଗସ୍ତ କରିଥିଲେ। ଏହି ଟିମ୍‌ର ଚେୟାରମ୍ୟାନ୍ ଭାବେ ସୌରାଷ୍ଟ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ଭରତ ରାମାନୁଜ, ସଂଯୋଜକ ଭାବେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ସିପି. ସିଂ ଏବଂ ସଦସ୍ୟ ଭାବରେ ମହାରାଷ୍ଟ୍ର ନାସିକର ଏଲଏଚ୍‌ଭି. କଳା ଓ ବିଜ୍ଞାନ କଲେଜର ପ୍ରଫେସର ଡକ୍ଟର ବାପୁସୋନୁ ଜଗଦେଲ୍ ପ୍ରମୁଖ ଡେରାବିଶ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ଚଳିତ ମାସ ୭ ତାରିଖ ଓ ୮ ତାରିଖ ଦୁଇଦିନ ଧରି ଏହି ଟିମ୍ ମହହାବିଦ୍ୟଳୟର ଭିତ୍ତିଭୂମି ଠାରୁ ଆରମ୍ଭ କରି ଶିକ୍ଷଣ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ଗୁଣାତ୍ମକମାନକୁ ପରୀକ୍ଷଣ କରି ମହାବିଦ୍ୟାଳୟକୁ 'ବି+' ଗ୍ରେଡ଼ ପ୍ରଦାନ କରିଛି। ବିଶେଷ କରି ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ଏହି ମହାବିଦ୍ୟାଳୟ ପାଇଁ ଏହି ମାନ୍ୟତା ଗୌରବ ଆଣି ଦେଇଛି। ସେଥିପାଇଁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଏଭଳି ମାନ୍ୟତା ପାଇବା ପାଇଁ ଡେରାବିଶ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କର ଦୃଢ଼ ସଂକଳ୍ପ, କଠିନ ପରିଶ୍ରମ ଓ ସମ୍ମିଳିତ ପ୍ରଚେଷ୍ଟା ହିଁ ସହାୟକ ହୋଇଛି।



ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନଙ୍କୁ ପ୍ରଶଂସା କରିବା ସହିତ ଏହି ସଫଳତାର ଶ୍ରେୟ ସେମାନଙ୍କୁ ପ୍ରଦାନ କରିଛନ୍ତି।

● ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳା ଟ୍ରଫି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ମହିଳା ପ୍ରଦର୍ଶନୀ ମ୍ୟାଚ୍‌ରେ କିଟ୍ ବିଜୟୀ



ରାଜନଗର, ୧୮।୧(ସମିସ):

ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୩ତମ ଚଞ୍ଚଳାଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀ ମ୍ୟାଚ କିଟ ଓମେନ୍ସ ଟିମ ସହିତ ଖୋର୍ଦ୍ଧା ଓମେନ୍ସ ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ଟସ୍ ଜିତି କିଟ ଓମେନ୍ସ ଟିମ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୪୮ ରନ ସଂଗ୍ରହ କରିଥିଲା। ଦଳର ରାଣୀ ଟୁଡୁ ୫୨ ବଲରୁ ୯ଟି ଚୌକା ସହାୟତାରେ ୬୨ରନ, ଲକ୍ଷ୍ମୀପ୍ରିୟା ନାୟକ ୪୪ବଲରୁ ୪ ଚୌକା ସହାୟତାରେ ୪୧ ରନ କରିଥିଲେ। ୧୪୯ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଖୋର୍ଦ୍ଧା ଓମେନ୍ସ ଟିମ ନର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୧୧୪ରନ କରି ପରାଜିତ ହୋଇଥିଲେ। ଦଳର ଅନନ୍ୟା ମିଶ୍ର ୨୭ ବଲରେ ୪ ଚୌକା, ୧ ଛକା ବିନିମୟରେ ୨୭ରନ, ସୁଜାତା ସାହୁ ୩୯ ବଲରେ ୫ ଚୌକା, ଗୋଟିଏ ଛକା ବିନିମୟରେ ୩୯ରନ କରିଥିଲେ। କିଟ ଓମେନ୍ସ ଟିମର ରାଣୀ ଟୁଡୁ ୫୨ ବଲରୁ ୬୨ ରନ୍ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବରେ ସଂସାରଫଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ମିନତୀ ପାତ୍ର, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅବସରପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ବଳ, ସମାଜସେବୀ କୈଳାସ ମହାନ୍ତି ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ପଲ୍ଲୀଶ୍ରୀ ଯୁବକ ସଂଘର ତପନ କୁମାର ପରିଡ଼ା, ଅଭିମନ୍ୟୁ ପ୍ରତିହାରୀ, ବଂଶୀଧର ସ୍ୱାଇଁ, ନିରୋଦ ବଳ ପ୍ରମୁଖ ପରିଚାଳନା କରିଥିଲେ।

ଜିଲ୍ଲାସ୍ତରୀୟ ଜୁନିୟର ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଲିଗ୍ ମ୍ୟାଚ୍‌ରେ ଡେରାବିଶ କ୍ରିକେଟ୍ କ୍ଲବ୍ ବିଜୟୀ




କେନ୍ଦ୍ରାପଡ଼ା, ୧୮।୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ଜୁନିୟର ଆନ୍ତଃକ୍ଲବ୍ ସୁପର ଲିଗ୍ ମ୍ୟାଚ୍ ଡେରାବିଶ କ୍ରିକେଟ୍ କ୍ଲବ ଓ ଆଇଡିଆଲ୍ ୟୁନିଅନ୍ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ଟସ୍ ଜିତି ଡେରାବିଶ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୩୨.୨ ଓଭରରେ ୧୦ ୱିକେଟ୍ ବିନିମୟରେ ୨୦୭ ରନ୍ କରିଥିଲା। ଜବାବରେ ଆଇଡିଆଲ୍ ୟୁନିଅନ୍ ସ୍ପୋର୍ଟିଂ କ୍ରିକେଟ୍ କ୍ଲବ ୨୧.୫ ଓଭରରେ ୧୦ ୱିକେଟ୍ ବିନିମୟରେ ୧୦୭ ରନ୍ କରିଥିଲା। ଫଳରେ ଡେରାବିଶ କ୍ରିକେଟ୍ କ୍ଲବ ୧୦୦ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଡେରାବିଶ କ୍ରିକେଟ୍ କ୍ଲବର ବିବେକ ସାହୁ ୧୩ଟି ଚୌକା ଓ ୧ଟି ଛକା ସହ ୯୨ ବଲ୍‌ରେ ୧୦୦ ରନ୍ ବ୍ୟାଟିଂ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଳିତେନ୍ଦୁ ପଣ୍ଡା ଖେଳ ପରିଚାଳନା କରିଥିଲେ। ଚିରଞ୍ଜିବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଥିଲେ। ବରଦା କାନ୍ତ ବରାଳ ଖେଳର ଧାରା ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦୀପକ ବାରିକ ସହଯୋଗ କରିଥିଲେ।

